# ମକରଭାର ସହ ବାହୁଡ଼ିଲେ ମହାଲକ୍ଷ୍ମୀ; ମନ୍ଦିରରେ ନବାଙ୍କ ବେଢ଼ା

ସାକ୍ଷୀଗୋପାଳ,୧୩।୧(ଫ): ପୁଷମାସ ଶେଷରେ ବାପଘରୁ ମନ୍ଦିରକୁ ଫେରିଛନ୍ତି ମହାଲକ୍ଷ୍ମୀ। ସାଙ୍ଗରେ ଆଣିଛନ୍ତି ମକରଭାର। ପ୍ରତିବର୍ଷ ପରି ଆଜି ମାସାନ୍ତ ଅବସରରେ ଦାସବିଦ୍ୟାଧରପୁର ପଞ୍ଚାୟତର ବସନ୍ତପୁର ଗ୍ରାମର ଦେବରାଜ ସାହୁଙ୍କ ଘରୁ ସାକ୍ଷୀଗୋପାଳ ମନ୍ଦିର କୁ ମକରଭାର ଆସିଥିଲା। ଦୁଇ ଜଣ ଭାରୁଆ ଦୁଇଟି ଓଳିଆରେ ନୂଆ ଅରୁଆ ଚାଉଳ, ନଡ଼ିଆ, ପାଚିଲା କଦଳୀ, ଧନୁ ମୁଆଁ, ଫୁଲମାଳ ଏବଂ ଠାକୁରଙ୍କ ଲାଗି ନିମନ୍ତେ ନୂତନବସ୍ତ୍ର ସହ ମନ୍ଦିର ନିକଟସ୍ଥ ଦୋଳବେଦୀ ନିକଟରେ ପହଞ୍ଚିଥିଲେ। ମନ୍ଦିର ରେ ଗୋଧନ ବାହୁଡ଼ା ଭୋଗ ପରେ ସନ୍ଧ୍ୟା ଧୂପ ବେଶ ଅନୁଷ୍ଠିତ ହୋଇଥିଲା। ମନ୍ଦିର ବେଢ଼ା ନୀତି ପରେ ବିଜେ ପ୍ରତିମା ମଦନମୋହନ ଗରୁଡସ୍ତମ୍ଭ ନିକଟକୁ ବିଜେ କରିଥିଲେ। ଏହାପରେ ଛତ୍ରୀ, ତ୍ରାସ, ଘଣ୍ଟ, ବାଜା, ମହୁରୀ, ବିଜେ କାହାଳୀ ଓ ଛାମୁ ମଶାଲ ସହିତ ସେବାୟତ ଓ ମନ୍ଦିର କର୍ମଚାରୀ ମକର ଭାରୁଆଙ୍କ ସହ କୁଣିଆଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ। ମହାଲକ୍ଷ୍ମୀଙ୍କ ଭାର ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଗୁଆ ପାହାଚରେ ଖିର ଉତୁରା ପରବ ଆରମ୍ଭ ହୋଇଥିଲା। ଏଭଳି ଶୁଭ ଦୃଶ୍ୟ ଦର୍ଶନ କରି ଭାର ମନ୍ଦିର ଭଣ୍ଡାରକୁ ଯାଇଥିଲା। ମନ୍ଦିର ସିଂହାସନ ଚାରିପାଖେ ତିନି ଘେରା ଓ ବେଢ଼ାରେ ୬ଘେରା ଏପରି ନ?ାଙ୍କ ବେଢ଼ା ନୀତି ସଂପନ୍ନ କରାଯାଇଥିଲା। ଏହି ଅବସରରେ ଶରୀରରୁ ପୀଡା ଲାଘବ ଏବଂ ଶ୍ରଦ୍ଧାଭକ୍ତିରେ ଶ୍ରଦ୍ଧାଳୁମାନେ ମନ୍ଦିର ବେଢା ୯ ଥର ପରିକ୍ରମା କରିଥିଲେ। ଆଦୌ ଚାଉଳ ଭୋଗ ଲାଗି କରାଯାଉନଥିବା ସାକ୍ଷୀଗୋପାଳ ଠାକୁରଙ୍କୁ ଅରୁଆ ଚାଉଳ ମକରଭାରରେ ପ୍ରସ୍ତୁତ ମକର ଚାଉଳ ବର୍ଷକୁ ଗୋଟିଏ ଦିନ ମକର ସଂକ୍ରାନ୍ତି ପର୍ବ ଅବସରରେ ସ୍ୱତନ୍ତ୍ର ଭୋଗ ନୈବେଦ୍ୟ ଅର୍ପଣ କରାଯାଏ। ଆସନ୍ତାକାଲି ପବିତ୍ର ମକର ସଂକ୍ରାନ୍ତି ଅବସରରେ ମହାଲକ୍ଷ୍ମୀଙ୍କ ପିତ୍ରାଳୟରୁ ଆସିଥିବା ମକର ଭାରରୁ ପ୍ରସ୍ତୁତ ସୁବାସିତ ଓ ସୁମିଷ୍ଟ ମକର ଚାଉଳ ପ୍ରଥମେ ଠାକୁରଙ୍କୁ ଅର୍ପଣ କରାଯିବ। ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ାରେ ମକର ଚାଉଳ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିବେ।

# ଯୁବକଙ୍କୁ ଚିକିତ୍ସା ପାଇଁ ପଠାଇଲା ପୁଲିସ



ନୟାହାଟ,୧୩।୧(ସମିସ): ସମାଜରେ ଅବହେଳିତ ଅବସ୍ଥାରେ ରହୁଥିବା ଅସହ୍ୟ ବ୍ୟକ୍ତିଙ୍କୁ କିଛି ସମାଜସେବୀ ସାହାଯ୍ୟ କରିଥାନ୍ତି। ସୋମବାର ରାତି ୭ଟା ସମୟରେ ନୟାହାଟ ଫାଣ୍ଡି ସାମ୍ନା ଏକ ସାଇକେଲ ଦୋକାନ ନିକଟରେ ଜଣେଅଚିହ୍ନାଯୁବକଛାତିଯନ୍ତ୍ରଣାରେଛଟପଟହେଉଥିବାବେଳେକେତେକସହୃଦୟ ବ୍ୟକ୍ତି ନୟାହାଟ ଫାଣ୍ଡିରେ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ୍ ଘଟଣା ସ୍ଥଳକୁଆସି୧୦୮ କୁଡକାଇଛଟପଟହେଉଥିବାଚିକିତ୍ସାପାଇଁଚରିଛକସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି।

# ଲିଟିଲ ଷ୍ଟାର ଗ୍ରୁପ୍‌ର ଶିଶୁ ମହୋତ୍ସବ



ନିମାପଡା,୧୩।୧(ସମିସ):ନିଜ ଭିତରେ ନିଜକୁ ଖୋଜି ନିଜ ରୁଚି ଅନୁଯାଇ ନିଜ ଭବିଷ୍ୟତ ଗଢିବାକୁ ନିମାପଡା ର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଆଜି ଆୟୋଜିତ ୨୩ତମ ଶିଶୁ ଓ ଯୁବ ମହୋତ୍ସବ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।ଆଜି ସ୍ଥାନୀୟଅଣ୍ଡିଆସାହିବିଦ୍ୟାଳୟପରିସରରେଅନୁଷ୍ଠିତକାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ପତ୍ରଲିଖନ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଗ୍ରୁପ ର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ବରିଷ୍ଠ ମଞ୍ଚ କଳାକାର ଗୌର ଦାସ, ଅଭିନେତ୍ରୀ କାବେରୀ ପାଢ଼ୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ରାଉତ ସମାଜସେବୀ ସନ୍ତୋଷ ଓଝା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେବାସହ ପିଲାମାନଙ୍କ ପ୍ରତିଭାକୁ ବେଶ ପ୍ରଶସା କରିଥିଲେ.ଏହି ଅବସରରେ ଗ୍ରୁପର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ୨୦୨୬ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ବସନ୍ତ ସ୍ୱାଇଁ, ଉର୍ମିଳା ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିପିଲିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ



ପିପିଲି,୧୩।୧(ସମିସ): ପିପିଲି ଏନ୍‌ଏସି ବଜାରରେ ଥିବା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନିମାପଡ଼ା ଛକ(ଚାନ୍ଦୁଆ ବଜାର) ଠାରୁ କୋଣାର୍କ ରାସ୍ତାର ପଣ୍ଡାବଜାର ପର୍ଯ୍ୟନ୍ତ ବୁଲ ଡୋଜର ସାହାଯ୍ୟ ରେ ଜବର ଦଖଲ ହଟିଛି। ପୁଲିସ ଅଧିକାରୀ ଓ ଫୋର୍ସ, ପ୍ରଶାସନିକ ଅଧିକାରୀ, ରାଜସ୍ୱ କର୍ମଚାରୀ, ଏନଏସି ଅଧିକାରୀଙ୍କ ଉପସ୍ଥିତିରେ ଏହି ରାସ୍ତାର ଉଭୟ ପାଶ୍ୱର୍ରେ ରହିଥିବା ସରକାରୀ ଜାଗାରେ ସ୍ଥାୟୀ, ଅସ୍ଥାୟୀ ସମସ୍ତ ନିର୍ମାଣକୁ ଭଙ୍ଗାଯାଇଛି। ସରକାରୀ ଜାଗାରୁ ଅସ୍ଥାୟୀ ଓ ସ୍ଥାୟୀ ନିର୍ମାଣ ହଟାଇ ନେବା ପାଇଁ ଦୋକାନୀ ଓ ଘରମାଲିକମାନଙ୍କୁ ସୋମବାର ପର୍ଯ୍ୟନ୍ତ ମହଲତ ଦିଆଯାଇଥିଲା। ଦୋକାନୀମାନେ ସ୍ୱେଚ୍ଛାକୃତ ଭାବେ ବାସଗୃହ ଓ ଦୋକାନର ଅସ୍ଥାୟୀ ନିର୍ମାଣ ଭାଗକୁ ଖୋଲାଖୋଲି କରିଥିବାବେଳେ ପ୍ରଶାସନ ଜେସିବି ଲଗାଇ କଂକ୍ରିଟ ନିର୍ମାଣକୁ ଭାଙ୍ଗିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ମାଜିଷ୍ଟ୍ରେଟ୍ ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ ପିପିଲିର ଅତିରିକ୍ତ ତହସିଲାଦାର ବସନ୍ତ କୁମାର ବେହେରା ଓ ତାରାନୁମ ନାଫିସ ରହିଥିଲେ। ଉଚ୍ଛେଦ ସମୟରେ ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ତତ୍ୱାବଧାନରେ ଥାନାର ଛଅ ଜଣ ପୋଲିସ ଅଫିସର ଏବଂ ୩ପ୍ଲାଟୁନ ଫୋର୍ସ ଉପସ୍ଥିତ ରହି ଉଚ୍ଛେଦ ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ଅନ୍ୟ ପଟେ ସରକାରୀ ଜାଗା ଚିହ୍ନଟ କରାଯିବା ପାଇଁ ପ୍ରାଥମିକ ଭାବେ ତହସିଲ କର୍ମଚାରୀ ମାପ କରି ବିଭିନ୍ନ ବାସଗୃହ, ଦୋକାନ ନିକଟରେ ନାଲି ଗାରର ସଂକେତ ଦେଇଥିଲେ।ପିପିଲି ବିଜେଡି ପାର୍ଟି ଅଫିସ ଠାରୁ ପିପିଲି ହାଟଛକ, ହାଟଛକ ଠାରୁ ପିପିଲି ଡେଲାଙ୍ଗ ଛକ ଏବଂ ପିପିଲି ନିମାପଡା ଛକ ଠାରୁ ପଣ୍ଡା ବଜାର ପର୍ଯ୍ୟନ୍ତ ସରକାରୀ ଜାଗା ଚିହ୍ନଟ କରାଯାଇ ନାଲି ଗାର ଯୋଗେ ଚିହ୍ନଟ କରାଯାଇଥିଲା। ପରେ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଥିଲା।

## ଅକ୍ଷୟଙ୍କୁ ଜୀବନ ବ୍ୟାପି କ୍ରୀଡ଼ାବିତ ପୁରସ୍କାର



ନିମାପଡ଼ା,୧୩।୧(ସମିସ): ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ନିମାପଡ଼ା ବାରବାଟୀ ପଡ଼ିଆରେ ଅନୁଷ୍ଠିତ ୨ୟ ତାପସ ମେମୋରିଆଲ୍ ୩୦ତମ ନିମାପଡ଼ା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ାବିତ୍ ଅକ୍ଷୟ ବେହେରାଙ୍କୁ ଜୀବନ ବ୍ୟାପି ଅବଦାନ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ଣ୍ଣେଶ୍ୱରୀ କ୍ରିକେଟ କ୍ଲବ୍ ପକ୍ଷରୁ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁରାଧା ପ୍ରାଣିଗ୍ରାହୀ ଓ ବିଜେପି ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମାଜସେବୀ ପାର୍ଥ ସାରଥୀ ଛୋଟରାୟ, ସ୍ୱର୍ଣ୍ଣକାର ସଙ୍ଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ଆଥ୍‌ଲେଟିକ ଆସୋସିଏସନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅକ୍ଷୟଙ୍କୁ ଜୀବନ ବ୍ୟାପି କ୍ରିକେଟ ସାଧନା ପାଇଁ ମାନପତ୍ର ସହ ସମ୍ମାନିତ କରିଥିଲେ।

## ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଣସ,୧୩।୧(ସମସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ରୂପେ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବିଜୟିନୀ ପାତ୍ର, ମୁଖ୍ୟ ବକ୍ତା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଲୁମିନି ଭୂପତି ଭୂଷଣ ତ୍ରିପାଠୀ, ସ୍ଥାନୀୟ ସିଆରସିସି ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ବତନ ସହ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାସ, ଶିକ୍ଷାବିତ୍ ପରୀକ୍ଷିତ ବଡ଼ଜେନା ଓ ତ୍ରିଲୋଚନପୁର ଗ୍ରାମ ପରିଚାଳନା କମିଟିର ସମ୍ପାଦକ ରବି ନାରାୟଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଆଦ୍ୟାଶାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଦାଉ ସାଧୁଛି ଦଇବ

# କିଡ୍‌ନୀ ରୋଗାକ୍ରାନ୍ତ ମେଧାବୀ ଛାତ୍ର; ଚିକିତ୍ସାରେ ଅର୍ଥ ବାଧକ



ଅସ୍ତରଙ୍ଗ,୧୩।୧(ସମିସ): ଦାଉ ସାଧୁଛି ଦଇବ। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି ଜଣେ ମେଧାବୀ ଛାତ୍ର। ତାଙ୍କ ଚିକିତ୍ସାରେ ଏବେ ଅର୍ଥ ବାଧକ ସାଜିଛି। ଯାହାକୁ ନେଇ ପରିବାରରେ ଚୂଲି ଜଳୁନି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ରାମଚନ୍ଦ୍ରପୁର ଗ୍ରାମରେ ରୁହନ୍ତି ପଞ୍ଚାନନ ସ୍ୱାଇଁ। ସେ ଜଣେ ଦିନ ମଜୁରିଆ। ଜମିବାଡ଼ି ବୋଲି କିଛି ନାହିଁ। ପର ଜମିକୁ ଭାଗଚାଷ ଓ ମୂଲ ମଜୁରି କରି ନିଜର ଚାରି ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରନ୍ତି। ଘରେ ତାଙ୍କ ପତ୍ନୀ ରଞ୍ଜୁଲତା, ଦୁଇ ଝିଅ ଓ ଆଉ ଜଣେ ୧୫ ବର୍ଷର ପୁଅ ସତ୍ୟପ୍ରକାଶ ସ୍ୱାଇଁ। ଅଭାବ ଅନଟନରେ ପୁଅକୁ ଭଲ ପାଠ ପଢ଼ାଉଥିଲେ। ପାଠ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାରେ ସେ ବେଶ ସୁନାମ ଅର୍ଜନ କରିଥିଲେ। କେବଳ ବ୍ଲକ୍‌ସ୍ତରରେ ନୁହେଁ ଜିଲ୍ଲା ଓ ରାଜ୍ୟସ୍ତରରେ ମଧ ତାଙ୍କର ପରାକାଷ୍ଠା ଦେଖାଇଛନ୍ତି। ତାଙ୍କ ମେଧାକୁ ଦେଖି ସ୍କୁଲଠାରୁ ଆରମ୍ଭ କରି ଗ୍ରାମର ଲୋକେ ମଧ ବେଶ୍ ଆଶା ରଖିଥିଲେ ଯେ ନିଶ୍ଚୟ ସେ ନିଜ ଗାଁ ତଥା ଅଞ୍ଚଳ ପାଇଁ ସୁନାମ ଆଣିବ। ଜିଲ୍ଲା ରେ ଟପ୍ପର ହେବାକୁ ସମସ୍ତେ ଆଶା କରିଥିଲେ। କୁହୁଡ଼ି ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ସତ୍ୟ ଏବେ ରୋଗ ଶଯ୍ୟାରେ ମରଣ ସହିତ ଲଢ଼େଇ କରୁଛନ୍ତି। ଗତ କିଛି ଦିନ ଧରି ବାରମ୍ବାର ଶରୀର ଅସୁସ୍ଥ ହେବାରୁ ଅସ୍ତରଙ୍ଗ ଡାକ୍ତରଖାନାକୁ ଆସି ଚିକିତ୍ସିତ ହୋଇଥିଲେ। ସୁଫଳ ନମିଳିବାରୁ ଭୁବନେଶ୍ୱର ଯାଇ ମଧ ଚିକିତ୍ସିତ ହୋଇଥିଲେ। ଡାକ୍ତର କହିଲେ ଯେ ସତ୍ୟଙ୍କ ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଛି। କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ୫୦ରୁ ୬୦ଲକ୍ଷ ଟଙ୍କା ଆବଶ୍ୟକ। ବାପା ଜଣେ ଦିନ ମଜୁରିଆ ହୋଇଥିବାବେଳେ ପୁଅର ଏଭଳି ଅବସ୍ଥା ଦେଖି ହତ୍‌ବାକ୍ ହୋଇପଡ଼ିଛନ୍ତି। ତାଙ୍କ ପାଇଁ ୫୦ ଲକ୍ଷ ଟଙ୍କା ସାତ ସପନ ଭଳି। ଯାହା କିଛି ରଖିଥିଲେ ତାହା ପୁଅର ଡାୟାଲିସିସରେ ଖର୍ଚ୍ଚ ହେବା ପରେ ହାତ ଉଦ୍ଧାର କରି ବର୍ତ୍ତମାନ ଋଣ ଗ୍ରସ୍ତ ହୋଇଗଲେଣି। ସରକାରଙ୍କ ପ୍ରଦତ୍ତ ସ୍ୱାସ୍ଥ୍ୟ କାର୍ଡରେ ଏହି ଚିକିତ୍ସା ସମ୍ଭବପର ନୁହେଁ, ତେଣୁ କିପରି ନିଜ ପୁଅକୁ ଚିକିତ୍ସା କରାଇବେ ସେ କଥା ଭାବି ଭାବି ଆଖିରୁ ଲୁହ ଗଡ଼ାଉଛନ୍ତି ପରିବାର। ସତ୍ୟଙ୍କ ଏଭଳି ସମୟରେ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସରକାର ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ଏଥିପାଇଁ ତାଙ୍କର ମୋବାଇଲ୍ ନମ୍ବର ୭୮୪୬୮୨୮୪୬୧ରେ ପିତା ପଞ୍ଚାନନ ସ୍ୱାଇଁଙ୍କ ସହ ଯୋଗାଯୋଗ କରି ପାରିବେ। ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ଙ୍କୁ ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି।

## ଅସ୍ତରଙ୍ଗ ପୁଲିସ ଦ୍ୱାରା ଅଜଣା ଯୁବକ ଉଦ୍ଧାର



ଅସ୍ତରଙ୍ଗ,୧୩।୧(ସମିସ): ଅସ୍ତରଙ୍ଗ ଅଞ୍ଚଳରେ ଗତ କିଛି ଦିନ ବେଢ଼ା ଅନେକ ଅଜଣା ବ୍ୟକ୍ତି ଙ୍କର ହାବ ଭାବ ଦେଖିବାକୁ ମିଳୁଛି। ଅନେକ ଲୋକ ମାନସିକ ରୋଗୀ ପରି ଲାଗୁଥିବା ବେଳେ ଦୋକାନ ମାନଙ୍କରୁ ଟଙ୍କା ଭିକ୍ଷା ଭାବରେ ମାଗୁଛନ୍ତି ତେଣୁ ସେମାନେ କିଏ ଆଉ କେଉଁଠୁ ଆସୁଛନ୍ତି ତାହା ବି ଏବେ ସନ୍ଦେହ ଘେରରେ। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତର ରେ ଯେଉଁଭଳି ଦଙ୍ଗା ଚାଲିଛି ସେହି ପରିପ୍ରେକ୍ଷୀରେରେ କିପରି ଭାରତ ଭିତରକୁ ଅନୁପ୍ରବେଶ ନ ହୁଏ ସେଥିପାଇଁ ବିଭିନ୍ନ ପ୍ରବେଶ ପଥ ଉପରେ କଡ଼ା ନଜର ରଖିବାକୁ ସରକାରଙ୍କ ଗୃହ ବିଭାଗ ତତ୍ପର ହୋଇଛନ୍ତି ବିଶେଷ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ସଦା ସର୍ବଦା ପୁରୀ ଆରକ୍ଷୀ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଅସ୍ତରଙ୍ଗ ପୁଲିସ କଡ଼ା ନଜର ରଖିଥିବା ସମୟରେ ରବିବାର ସନ୍ଧ୍ୟାରେ ପେଟ୍ରୋଲିଂ ସମୟରେ ନଗର ଗ୍ରାମରୁ ଜଣେ ସନ୍ଦିଗ୍ଧ ଅଜଣା ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିଛନ୍ତି ଅସ୍ତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ତତ୍ତ୍ୱାବଧାନନରେ ଏକ ଟିମ। ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ପୁରୀ ସ୍ଥିତ ବାଙ୍ଗର ମାନସିକ ବିକୃତ ସେଣ୍ଟରରେ ଛଡ଼ାଯାଇଛି। ଯାହାକୁ ନେଇ ଅସ୍ତରଙ୍ଗ ଥାନାରୁ ସୂଚନା ମିଳିଛି।

## କାଳିଜାଈ ମକରମେଳାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



କୃଷ୍ଣପ୍ରସାଦ,୧୩।୧(ସମିସ) : ଚିଲିକାର ଅଧିଷ୍ଠାତ୍ରୀ ଦେବୀ ଦେବୀ ମା' କାଳିଜାଈ ପୀଠରେ ମକର ମେଳା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମା'ଙ୍କ ମୁଖ୍ୟ ସେବକ ଧର୍ମେନ୍ଦ୍ର ପଣ୍ଡା (ପପୁ ଭାଇନା), ଜଗନ୍ନାଥ ଦାଶଙ୍କ ତତ୍ତ୍ୱାବଧାନରେ ମା'ଙ୍କୁ ଚୁଆ ସିନ୍ଦୂରରେ ମାଜଣା କରିବା ସହ ନୂତନ ବସ୍ତ୍ର ପରିଧାନ କରି ଝୁଣା ଧୂପ ଓ ଆଳତି ପରେ ଭୋରୁ ନୀତିକାନ୍ତି ସାରି ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିବା ଜଣାଯାଇଛି। ଏଥି ନିମନ୍ତେ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀ, ବିଡ଼ିଓ ଅମୀୟ କୁମାର ପଣ୍ଡା, ଜିଲ୍ଲାସ୍ତରୀୟ ଆରକ୍ଷୀ ଅଧିକାରୀଙ୍କ ଉପସ୍ଥିତରେ କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ଫୋର୍ସ, ୧୩ ଜଣ ପୁଲିସ ଅଧିକାରୀ, ମହିଳା ପୋଲିସ, ସାଧା ପୋଷାକ ଧାରି ପୋଲିସ, , ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ ନିୟୋଜିତ କରାଯାଇଥିବା ଜଣାପଡିଛି।






























# ଶ୍ରୀକ୍ଷେତ୍ର ସିଟି

୧୩/୧/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୪୮,୮୯୧/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୫୪.୫୦୦ ଗ୍ରାମ୍





# ଶ୍ରୀମନ୍ଦିରରେ ପହଞ୍ଚିଲା ମକର ତାଡ଼

ପୁରୀ,୧୩।୧(ସମିସ): ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ସାଆନ୍ତାଣୀ। ବୁଧବାର ମକର ସଂକ୍ରାନ୍ତି ଥିବାବେଳେ ମଙ୍ଗଳବାର ବଡ଼ଦେଉଳରେ ପହଞ୍ଚିଛି ମକର ତାଡ଼। ମହାପ୍ରଭୁଙ୍କ ପାଖରେ ପବିତ୍ର ମକର ସଂକ୍ରାନ୍ତିରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହେବ। ଏହି ମକର ତାଡ଼ରେ ହିଁ ମକର ଚାଉଳ



ଭୋଗ କରାଯିବ। ମଙ୍ଗଳବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ବଢ଼ିଲା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, କାହାଳୀ ସହିତ ୫ଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଛନ୍ତି। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଇଛି।

# ବଡ଼ ଓଡ଼ିଆ ମଠରୁ ଆସିଲା ଚଉସରା ମାଳ

ପୁରୀ, ୧୩।୧ (ସମିସ): ନବାଙ୍କରେ ଠାକୁରଙ୍କର ଫୁଲ ମେଲାଣ ହୁଏ। ମହାଲକ୍ଷ୍ମୀଙ୍କ ଘରୁ ଆସିଥିବା କୁସୁମ ତଥା ଗେଣ୍ଡୁ ଫୁଲ ଲାଗି ହୋଇଥାଏ। ମହାଲକ୍ଷ୍ମୀଙ୍କ ପକ୍ଷରୁ ପରମ୍ପରା ଅନୁଯାୟୀ, ଅତିବଡ଼ି ଜଗନ୍ନାଥ ଦାସଙ୍କ ସମୟରୁ ବଡ଼ ଓଡ଼ିଆ ମଠ ଫୁଲର ଚଉସରା ମାଳ ଯୋଗାଇ ଆସୁଛି। ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଗେଣ୍ଡୁ ଫୁଲ ଏବଂ ତୁଳସୀରେ ଚଉସରା ମାଳ ପ୍ରସ୍ତୁତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ୧୬ ହାତ, ଶ୍ରୀବଳଭଦ୍ରଙ୍କ ଲାଗି ୧୪ ହାତ, ଦେବୀ ସୁଭଦ୍ରାଙ୍କ ଲାଗି ୧୨ ହାତ ଏବଂ ଶ୍ରୀସୁଦର୍ଶନଙ୍କ ପାଇଁ ୮ ହାତ ଲମ୍ବର ଚଉସରା ମାଳ ପ୍ରସ୍ତୁତ କରାଯାଇଥିଲା।



ଏହାବ୍ୟତୀତ ମାଧବ, ଲକ୍ଷ୍ମୀ, ସରସ୍ୱତୀ, ଭଣ୍ଡାର ଲୋକନାଥ, ମଦନମୋହନ, ବିମଳା, ମହାଲକ୍ଷ୍ମୀଙ୍କ ପାଇଁ ମାଳ ପ୍ରସ୍ତୁତ ହୋଇଥିଲା। ସନ୍ଧ୍ୟାରେ ମଠରୁ ଏହି ୪ଟି ଚଉସରା ମାଳ ସମେତ ଆହୁରି ଅନେକଗୁଡିଏ ସାଦାମାଳକୁ ଚାଙ୍ଗୁଡ଼ିରେ ରଖାଯାଇ ପଟୁଆରରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହି ଚଉସରା ମାଳ ଲାଗି କରାଯିବାର ପରମ୍ପରା ରହିଛି।

## ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଯାପିତ

# ଗୌରାଙ୍ଗ, ବୀରେନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଓ ପବିତ୍ର ମୋହନ ସମ୍ବର୍ଦ୍ଧିତ

ପୁରୀ, ୧୩।୧ (ସମିସ): ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ଗିରିଶ ନାୟକ, ବରିଷ୍ଠ ଯୁବ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ, ପ୍ରାବନ୍ଧିକ ଗୌରାଙ୍ଗ ପରିଡା, ଗବେଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ପବ୍ଲିକେସନ ଓ କବି ପବିତ୍ର ମୋହନ ଦାଶଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଅନାମ ଚନ୍ଦ୍ର ସାହୁ, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର ମଞ୍ଚାସୀନ ଥିବାବେଳେ ସମ୍ମାନ ପ୍ରଦାନ ଓ ପୁରସ୍କାର ପ୍ରଦାନ ଉତ୍ସବକୁ ପରିଚାଳନା କରିଥିଲେ ବଦ୍ରି ମିଶ୍ର, ସୁକାନ୍ତ ପଣ୍ଡା, ଶ୍ୟାମପ୍ରକାଶ ସେନାପତି ଓ ସ୍ୱାଧୀନ ପଣ୍ଡା।

ଏହି ଅବସରରେ ଜ୍ୟୋତିର୍ବିଦ୍ ଅନାମ ସାହୁଙ୍କ ପୁସ୍ତକ ଜ୍ୟୋତିଷ ସୁଧାକରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଳା ସୁପରିଚାଳନା ପାଇଁ ହାପିନେସ୍ ଫାଉଣ୍ଡେଶନକୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଇହଲୀଳା ସମ୍ବରଣ କରିଥିବା ସୁନୀଲ ରଥ, ଶଙ୍କର ପରିଡା, ନାରାୟଣ ନନ୍ଦ, ବିମଳ ପ୍ରସାଦ ଦାସ ଓ ଭବାନୀ ପ୍ରସାଦ ବଳିୟାର ସିଂହଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯିବା ପରେ ଜଗନ୍ନାଥ ବନ୍ଦନା ଗାନ କରାଯାଇଥିଲା। ଚଳିତ ବର୍ଷ ମେଳାରେ ୫୬ଟି ପ୍ରକାଶନ ସଂସ୍ଥାର ୧୨୦ଟି ଷ୍ଟଲ ଯୋଗଦେଇଥିଲେ।



## ଜମିପଟ୍ଟା ସଂଶୋଧନ ଆନ୍ଦୋଳନ ସ୍ଥଗିତ

ପୁରୀ, ୧୩।୧ (ସମିସ): ଜମିପଟ୍ଟା ସଂଶୋଧନ ଦାବିରେ ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ପୁରୀ ସଦର ପକ୍ଷରୁ ଚାଲିଥିବା ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ବାରମ୍ବାର ପ୍ରଜାମାନଙ୍କୁ ହେଉଥିବା ନୋଟିସ୍ ଆଉ ଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପରିଷଦର ସଭାପତି ଶଶିଭୂଷଣ ଶତପଥୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମତେ ଶ୍ରୀମନ୍ଦିର ପ୍ରଶାସନ ସହଭାଗିତାରେ ଜମିପଟ୍ଟା କାର୍ଯ୍ୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଆସିଷ୍ଟାଣ୍ଟ ସବ୍ କଲେକ୍ଟର ତଥା କନସୋଲିଡେସନ ଅଫିସର ନୀଳମାଧବ ମାଝୀ ଏ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରିଛୁ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଜମିପଟ୍ଟା ସଂଶୋଧନ କରି ପ୍ରଜାଙ୍କୁ ହସ୍ତାନ୍ତର ଦାବିରେ ସୋମବାର ଶହ ଶହ ଗ୍ରାମବାସୀ ଚାରିନଳାସ୍ଥିତ ଚକବନ୍ଦୀ ଓ ବନ୍ଦୋବସ୍ତ ଅଫିସରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଚଳାଇଥିଲେ।

# 'ଅନୁଶାସନହୀନତା ଯୁବଶକ୍ତିକୁ ପଥଭ୍ରଷ୍ଟ କରୁଛି'

ପୁରୀ,୧୩।୧(ସମିସ): ଆଜିକାଲି ଆଉ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ବହି ଧରିବା ନାହିଁ। ଆଉ ଜେଜେ କି ଜେଜେ ମାଆଙ୍କ ସହ ଏକାଠି ବସି ଖାଇବା ନାହିଁ। ମୋବାଇଲ ଧରି ନଷ୍ଟ ହୁଅନି ବୋଲି ଆକଟ କରିବାକୁ କିଏ ନାହିଁ କି ବିଦ୍ୟାଳୟରେ ଗୁରୁଙ୍କ ନାଲିଆଖି ନାହିଁ। ଘରେ, ପରିବାର ଓ ଶିକ୍ଷାନୁଷ୍ଠାନରେ ଅନୁଶାସନ ବୋଲି କିଛି ନାହିଁ। ପୁଣି ସଂରକ୍ଷଣ ଓ ମଦ-ଗୁଟ୍‌ଖା ପାଇଁ ଆଇନରେ ସଂଶୋଧନ ନାହିଁ। ଆଜି ବେରୋଜଗାରକୁ ନେଇ ଯୁବଗୋଷ୍ଠୀ ଅବସାଦଗ୍ରସ୍ତ। ଏକ ସଂସ୍କାରବିହୀନ ସମାଜରେ ସ୍ୱାମୀ ବିବେକାନନ୍ଦ କେଉଁଠୁ ପାଇବେ ଶହେ ଜଣ ଆଦର୍ଶ ଯୁବକ, ଯାହାଙ୍କୁ ନେଇ ସେ ଗଢ଼ିବେ ସମୃଦ୍ଧ ଭାରତ? ଏଭଳି ଅନେକ ଆଶା ଆଶଙ୍କାର ପ୍ରଶ୍ନୋତ୍ତର ଭିତରେ ଅନୁଷ୍ଠିତ ହୋଇଛି 'ଯୁବ ଓ ଅନୁଶାସନହୀନତା' ଶୀର୍ଷକ ମିଶନ ଓଡ଼ିଶାର ଜନମଞ୍ଚ କାର୍ଯ୍ୟକ୍ରମ।

ମିଶନ ଓଡ଼ିଶା, ମାଇଁ ଭାରତ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ମିଳିତ ସହଯୋଗରେ ଭୋଳାନାଥ ବିଦ୍ୟାପୀଠ ପରିସର ପୁସ୍ତକ ମେଳା ମଞ୍ଚରେ ସୋମବାର ବିଶିଷ୍ଟ ସମାଜସେବୀ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଜନମଞ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଜୀବନ ସୁରକ୍ଷା ସୋସାଇଟିର ସଭାପତି ହିମାଂଶୁ ଦାସ, ଦାନ ଉତ୍ସବର ରାଜ୍ୟ ଅଧ୍ୟକ୍ଷ ବିପିନ୍ ମହାନ୍ତି, ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ମାଇଁ ଭାରତର ଜିଲ୍ଲା ସଂଯୋଜକ ଅଶୋକ ବେହେରା, ଉତ୍କଳ ବିଦ୍ୱତ୍ ପରିଷଦର ରାଜ୍ୟ ସଭାପତି ମନୋଜ ରଥ, ନ୍ୟାସ୍‌ନାଲ ମିଡିଆ ଫାଉଣ୍ଡେସନର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୀନା ସାହୁ ଓ ପ୍ରୀତି ପତି, ପରିବେଶ ପାଇଁ ସମାଜସେବୀ ପ୍ରଦୀପ ଦଳାଇ, ସେଣ୍ଟ ଜନ ଆମ୍ବୁଲାନ୍ସର ସବ୍ୟସାଚୀ ସେନାପତି, ଅଜୟ କୃଷ୍ଣ ଦାସ ଓ ବିଶିଷ୍ଟ ଟୁଇଟରିଷ୍ଟ ଦେବରାଜ ଦାସଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଜୟନ୍ତୀ ମହାପାତ୍ର, କେଦାରନାଥ ମହାପାତ୍ର, ଶିବରାମ ପ୍ରଧାନ, ଦୀପକ ପାତ୍ର, ଶାନ୍ତିଲତା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶ୍ୟାମ ପ୍ରକାଶ ସେନାପତି।

## ପୁରୀ କୋର୍ଟ ସ୍ଥାନାନ୍ତରକୁ ଆପ୍‌ର ବିରୋଧ

# 'ଅତ୍ୟାଧୁନିକ ଢାଞ୍ଚାରେ ପୁରୀ କୋର୍ଟର ରୂପରେଖ ପ୍ରସ୍ତୁତ ହେଉ'

ପୁରୀ,୧୩।୧(ସମିସ): ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ପୁରୀ କୋର୍ଟ ଏକ ଐତିହ୍ୟ କୋର୍ଟ। ଏଠାରେ ଅନେକ ମହାପୁରୁଷ ଓକିଲାତି ଅଭ୍ୟାସ କରିଛନ୍ତି। ଏହା ଆମ ରାଜ୍ୟ ପାଇଁ ଐତିହ୍ୟ ଓ ଗୌରବର ସ୍ଥାନ। ଏହି କୋର୍ଟ ପରିସର ମଧ୍ୟ ଏତେ ଛୋଟ ନୁହେଁ। ତେଣୁ ଭବିଷ୍ୟତକୁ ନଜରରେ ରଖି ଏହାର ରୂପରେଖ ପରିବର୍ତ୍ତନ କରାଯାଇ ବଡ଼ ବଡ଼ ଅଟ୍ଟାଳିକା କୋର୍ଟ ପାଇଁ ତିଆରି କରିହେବ। କୋର୍ଟ ସଂଲଗ୍ନ ମୂଲ୍ୟବାନ ଜମି ସରକାରୀ ବାବୁଙ୍କୁ ବାସଗୃହ ଭାବେ ଦିଆଯାଇଛି ଏବଂ ସରକାରୀ ଅତିଥି ଭବନ ନିର୍ମାଣ ହୋଇଛି। କିନ୍ତୁ ଲକ୍ଷ ଲକ୍ଷ ଜିଲ୍ଲାବାସୀଙ୍କ ସୁବିଧା, ସୁଯୋଗ ଏବଂ ସ୍ୱାର୍ଥକୁ ଅଣଦେଖା କରି କୋର୍ଟକୁ ମଧୁରଜଳ ସିଆରଜେଡ୍ ଅଞ୍ଚଳ ବାଲୁଖଣ୍ଡକୁ ସ୍ଥାନାନ୍ତର ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି ବୋଲି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି। ଦୀର୍ଘ ଦଶ ମାସରୁ ଊର୍ଦ୍ଧ୍ୱ ହେବ ପୁରୀ ଓକିଲ ସଂଘ ଏହି ନିଷ୍ପତ୍ତି ବିରୁଦ୍ଧରେ ସତ୍ୟାଗ୍ରହ କରୁଛନ୍ତି। ରାଜସ୍ୱ ମନ୍ତ୍ରୀ ଓକିଲ ସଂଘକୁ ସମର୍ଥନ ଜଣାଇ ଦେଇଥିବା ପ୍ରତିଶ୍ରୁତି ବୋଧହୁଏ ଭୁଲିଯାଇଛନ୍ତି। ଏହି ସମସ୍ୟା କେବଳ ଓକିଲ ସଂଘର ନୁହେଁ, ଏହା ଜନସାଧାରଣଙ୍କ ସମସ୍ୟା। ଜନତାଙ୍କ ସମସ୍ୟାର ସମାଧାନ କରିବା ସରକାରଙ୍କ ଦାୟିତ୍ୱ। ବର୍ତ୍ତମାନ କୋର୍ଟ ଥିବା ସ୍ଥାନ କେବଳ ଆମ ପାଇଁ ସୁବିଧା ନୁହେଁ ଏହା ଜିଲ୍ଲାବାସୀଙ୍କ ଭାବନା ସହ ଜଡିତ। ତେଣୁ ଆପ୍ ଓକିଲ ସଂଘର ସମସ୍ତ ଦାବିକୁ ସମର୍ଥନ ଜଣାଇ ପୁରୀ କୋର୍ଟ ସ୍ଥାନାନ୍ତରଣ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ବିରୋଧ କରୁଛି ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି କହିଛନ୍ତି। ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ଜିଲ୍ଲାବାସୀଙ୍କ ସୁବିଧା ଓ ସୁଯୋଗ ପାଇଁ ପୁରୀ କୋର୍ଟ ଥିବା ସ୍ଥାନରେ ହିଁ ଅତ୍ୟାଧୁନିକ ଢାଞ୍ଚାରେ ପୁରୀ କୋର୍ଟର ରୂପରେଖ ପ୍ରସ୍ତୁତ କରିବାକୁ ଆପ୍ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ଉପସଭାପତି ରବିନ୍ଦ୍ର ନାଥ ସାହୁ, ଜିଲ୍ଲା ମିଡିଆ ସଂଯୋଜକ ଅନିଲ କୁମାର ସେନାପତି, ନଗର ସଭାପତି ରମାକାନ୍ତ ସ୍ୱାଇଁ, ବିଧାନସଭା ସମ୍ପାଦିକା କିରଣ ଦାଶ, ନଗର ସଭାନେତ୍ରୀ ସମିନା ନାୟକ, ବ୍ରହ୍ମଗିରି ବ୍ଲକ ସଭାପତି ଯୁଧିଷ୍ଠିର ବାରିକ, ନିମାପଡ଼ା ଗୋପ ସଭାପତି ଉମାକାନ୍ତ ସାହୁ, ଆଡଭୋକେଟ ରାଜୀବ ଦାସ, ଯୁବ ନେତା ଜନ୍ମଜୟ ଜେନା ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ।

## ଉତ୍କଳ ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର

# ରାଷ୍ଟ୍ର ନିର୍ମାଣ ପାଇଁ ଆଧ୍ୟାତ୍ମିକ ଚେତନା ଜରୁରୀ

ପୁରୀ,୧୩।୧(ସମିସ): ଯୁଦ୍ଧ, ଅସ୍ତ୍ର, ଶସ୍ତ୍ର, ହିଂସା, ଭୋଗବାଦ ଭାରତର ପରିଚୟ ନୁହେଁ। ଭାରତ ତାର ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାକୁ ନେଇ ସର୍ବଦା ପରିପୁଷ୍ଟ। ଭାରତ ବସୁଧୈବ କୁଟୁମ୍ବକମ୍, ପ୍ରଜ୍ଞାନ ବ୍ରହ୍ମ ଭଳି ଆପ୍ତ ବାକ୍ୟ ବିଶ୍ୱକୁ ପ୍ରଦାନ କରିଛି। ଆଧ୍ୟାତ୍ମ ସମ୍ପନ୍ନ ଯୁବପିଢ଼ି ଓ ସମାଜ ଭାରତକୁ ବିଶ୍ୱଗୁରୁ ଆସନରେ ଆସୀନ କରିପାରିବେ। ରାଷ୍ଟ୍ର ନିର୍ମାଣ ପାଇଁ ଆଧ୍ୟାତ୍ମିକ ଚେତନା ଜରୁରୀ ଏବଂ ଏହି ସଚେତନତା ବିଦ୍ୟାଳୟସ୍ତରରୁ ଆରମ୍ଭ ହେବା ଉଚିତ। ଜାତୀୟ ଯୁବ ଦିବସରେ ଏହିଭଳି ଭାବନା ବ୍ୟକ୍ତ କରିଛନ୍ତି ବିଶିଷ୍ଟ ବ୍ୟକ୍ତିମାନେ। ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ସୋମବାର ଶ୍ରୀକ୍ଷେତ୍ର ପୁସ୍ତକମେଳା ମଞ୍ଚରେ ଆୟୋଜିତ ହୋଇଥିଲା 'ଆଧ୍ୟାତ୍ମ ସମ୍ପନ୍ନ ଭାରତ, ବିଶ୍ୱବିଜୟୀ ଭାରତ' ଶୀର୍ଷକ ଆଲୋଚନାଚକ୍ର। ମୁଖ୍ୟଅତିଥି ଭାବେ ମଠାଧୀଶ ଡ. ରାମଚରଣ ଦାସ ମହାରାଜ ଯୋଗଦେଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମହାସଂଘର ସମ୍ପାଦକ ବିଶ୍ୱନାଥ ବେହେରା ସମ୍ମାନିତ ଅତିଥି, ନିମାପଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଭାକର ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପରିଷଦର ସଭାପତି ମନୋଜ ରଥ। କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା। ଧନ୍ୟବାଦ ଅର୍ପଣ କରିଥିଲେ ଉପାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ। ମଞ୍ଚ ସଂଚାଳନ କରିଥିଲେ ବରିଷ୍ଠ ସଦସ୍ୟ ଜଗଦୀଶ ପ୍ରଧାନ। ଆଗାମୀ ଦିନରେ ବିଦ୍ୟାଳୟସ୍ତରରେ ଏଭଳି କାର୍ଯ୍ୟକ୍ରମ କରାଯାଇ ଯୁବପିଢ଼ିକୁ ସଚେତନତା କରାଯିବାର ଯୋଜନା ରହିଛି ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ସିପିଏସ୍‌ରେ ଆଲୋଚନାଚକ୍ର

# ସ୍ୱାସ୍ଥ୍ୟ ସେବାରେ ଉନ୍ନତ ଔଷଧର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ, ୧୩।୧ (ସମିସ): ପୁରୀ-କୋଣାର୍କ ବେଳାମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍(ସିପିଏସ୍)ରେ ଅଧ୍ୟକ୍ଷ ତଥା ଆବାହକ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ 'ଔଷଧିକରଣରେ ଉନ୍ନତ ଔଷଧ ଯୋଗାଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ଫାର୍ମାସ୍ୟୁଟିକାଲ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ବିଶ୍ୱଜିତ୍ ମୁଖାର୍ଜୀ, ମୁଖ୍ୟବକ୍ତା ଭାବେ ମୁମ୍ବାଇସ୍ଥିତ ଆଇସିଟି ଓ ଭୁବନେଶ୍ୱରସ୍ଥିତ ଆଇଓସିଏଲ୍ ଫାର୍ମା ବିଭାଗର ସହକାରୀ ଅଧ୍ୟାପକ ଓ ସମନ୍ୱୟକାରୀ ଅଫିସର, ସହକାରୀ ଆବାହକ ଭାବେ ଓୟୁଏଚ୍‌ଏସ୍‌ର ଡିନ୍ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସେଞ୍ଚୁରିଅନ୍ ସ୍କୁଲ୍ ଅଫ୍ ଫାର୍ମାସୀର ଡିନ୍ ପ୍ରଫେସର ଡ. ଗୁରୁଦତ୍ତ ପଟ୍ଟନାୟକ ଓ ଅନୁଷ୍ଠାନର ଗବେଷଣା ଓ ଉନ୍ନତିକରଣ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡ.



ଗଣେଷ ଦାସ ଯୋଗଦେଇ ଆଲୋଚନାଚକ୍ରକୁ ସମ୍ବୋଧିତ କରିବା ସହିତ ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଧୁନୀକରଣ ଯୋଗୁ ବିଭିନ୍ନ ମାରାତ୍ମକ ଏବଂ ସଂକ୍ରାମକ ରୋଗର ଉପଯୁକ୍ତ ଚିକିତ୍ସା ନିମନ୍ତେ ଉନ୍ନତ ଧରଣର ଔଷଧ ଠିକ୍ ସମୟରେ ରୋଗୀଙ୍କ ପାଖରେ ପହଞ୍ଚିପାରୁଛି, ଯାହାଦ୍ୱାରା ରୋଗୀ ଉପଯୁକ୍ତ ଔଷଧ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଏଥିସହ ରୋଗର ପାର୍ଶ୍ୱ ପ୍ରତିକ୍ରୀୟାରୁ ରକ୍ଷା ପାଇପାରୁଛନ୍ତି। ଏହି ଆଲୋଚନାଚକ୍ରରେ ଉପସ୍ଥିତ ସମସ୍ତ ଗବେଷକ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଲାଭଦାୟକ ଅଟେ ବୋଲି ଅତିଥିମାନେ ବୈଜ୍ଞାନିକ ଅଧିବେଶନରେ ଉଦ୍‌ବୋଧନ ଦେଇଥିଲେ। ଏହି ସମ୍ମିଳନୀକୁ ଅଧ୍ୟାପିକା ଡ. ରୋଜି ପ୍ରିୟଦର୍ଶିନୀ, ଡ. ସୁନୀତା ମିଶ୍ର, ସଂଚୟିତା ମଣ୍ଡଳ, ବିଦୁସ୍ମିତା ପ୍ରଧାନ, ଅଧ୍ୟାପକ ଅସିତ୍ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପ୍ରଜ୍ଞା ପରମିତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଜ୍ଞାନିକ ଅଧିବେଶନକୁ ଅଧ୍ୟାପକ ଡ. ନିକୁଞ୍ଜ କିଶୋର ମିଶ୍ର, ବସନ୍ତ କୁମାର ବେହେରା ପରିଚାଳନା କରିଥିଲେ।




# 'ମହକ ୨୦୨୬' ଉଦ୍‌ଯାପିତ



ଦଶପଲ୍ଲା,୧୩।୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୀତାରାମ ୟୁଥ କ୍ଲବ ଅନୁକୂଲ୍ୟରେ ସ୍ଥାନୀୟ ମହକ ମୈଦାନରେ ଚାଲିଥିବା ମହକ ଯୁବ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଉପଦେଷ୍ଟା ପଞ୍ଚାନନ ବେହେରା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଶିଷ୍ଟ ସମାଜସେବୀ ବଂଶୀଧର ନାହାକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଗୁରୁଶ୍ରୀ ଗୁରୁପ୍ରସାଦ ବେହେରା ଦେଇଥିଲେ। ଶ୍ରୀକାନ୍ତ ସାହୁ, ସମ୍ପାଦକ ଚନ୍ଦନ ସାହୁ ଓ ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ଶରତ ସାହୁଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ ଚଳିତ ବର୍ଷର ମହକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ତ୍ରିନାଥଦେବଙ୍କ ପ୍ରତିଷ୍ଠା ଦିବସ

କଣ୍ଟିଲୋ,୧୩।୧(ସମିସ): କଣ୍ଟିଲୋ ଫାଣ୍ଡି ପରିସରରେ ଅଧିଷ୍ଠିତ ତ୍ରିନାଥଦେବଙ୍କ ପଞ୍ଚଦଶ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ତ୍ରିନାଥ ମନ୍ଦିର ପରିସରରେ ବିଶ୍ୱଶାନ୍ତି ହୋମ, ଯଜ୍ଞସହିତ ଦିନବ୍ୟାପି ଭଜନ, ମହିଳା ସଂକୀର୍ତ୍ତନ ପରିବେଷଣ ଓ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପ୍ରଦୀପ କର ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ଥାନାଧିକାରୀ ତଥା ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ।

● ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ

## ଭଡ଼ା ପୁନଃ ନିର୍ଦ୍ଧାରଣ ପାଇଁ ଦାବି

ନୟାଗଡ଼,୧୩।୧(ସମିସ): ନୟାଗଡ଼ ପୌରପରିଷଦ ଦ୍ୱାରା ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସରେ ରହିଥିବା ଦୋକାନ କରାଯାଇଛି। ସେହି ସ୍ଥାନରେ ବ୍ୟବସାୟ ହେଉନଥିବା ବେଳେ ପୌର ପରିଷଦ ବଜାର ତୁଳନାରେ ଅଧିକ ଭଡ଼ା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଗୋଟିଏ



ଘର ଭଡ଼ା ପୁନଃନିର୍ଦ୍ଧାରଣ କରିବାକୁ ବ୍ୟବସାୟୀ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ ଲେଖାଏଁ ଦୋକାନ ଗୃହକୁ ମାସିକ ୧୫ ଶହ ଟଙ୍କା ଲେଖାଏଁ ଭଡ଼ା ଧାର୍ଯ୍ୟ ହୋଇଥିବାରୁ, ତାହାକୁ କମାଇବା ପାଇଁ ଦାବି ହୋଇଛି।

### ଧାନକିଣା ପ୍ରକ୍ରିୟାରେ ଚାଷୀଙ୍କୁ ଶୋଷଣ ପାଇଁ ଅଘୋଷିତ ଚାପ

# ପୁଣି ବଦଳିବ ମିଲର ସଂଯୋଗୀକରଣ

ନୟାଗଡ଼,୧୩।୧(ସମିସ)

ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖରେ ଜିଲ୍ଲାସ୍ତରୀୟ ଧାନକିଣା ଶୁଭାରମ୍ଭ ହୋଇଥିଲା। ଶୁଭାରମ୍ଭ ପରେ ଧାନକିଣା ଆରମ୍ଭ ହୋଇପାରିନାହିଁ। କେଉଁ ପାକ୍ସରେ କେଉଁ ମିଲର ଧାନ କିଣିବେ ତାହା ସ୍ଥିର ହୋଇପାରୁ ନାହିଁ। ରବିବାର ଅଧିକାଂଶ ପାକ୍ସରେ ମିଲର ସଂଯୋଗୀକରଣ ହୋଇଥିବାବେଳେ ତାହାକୁ ବଦଳାଇବା ପାଇଁ ଯୋଗାଣ ବିଭାଗ ଉପରେ ଅଘୋଷିତ ଚାପ ପକା ଯାଇଥିବା ସୂଚନା ମିଳିଛି। ମିଲରଙ୍କ ସୁବିଧାକୁ ଗୁରୁତ୍ୱ ଦେବାକୁ ନୟାଗଡ଼ ଜିଲ୍ଲାର ଜଣେ ରାଜନୈତିକ ବ୍ୟକ୍ତି ଅହରହ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦଳି ମକଚି ଯେକୌଣସି ଉପରେ ଧାନକିଣାରେ କଟ୍‌ନୀ ଛଟ୍‌ନୀ କରାଇ ଶୋଷଣ କରିବାକୁ ମସୁଧା ଚାଲିଛି। ଜିଲ୍ଲାରେ କେବେ ଧାନକିଣା ଯିବ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଚାଷୀ ଜଳକା ଭଳି ମଣ୍ଡି ଖୋଲିବାକୁ ଚାହିଁ ବସିଛି। ନୟାଗଡ଼ ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀ କ୍ରୀଷ୍ଣା ରାଓଙ୍କୁ ପଚାରିବାରେ, ଯେଭଳି ମିଲର ସଂଯୋଗୀକରଣ କରାଯାଇଛି ତାହା ଦ୍ୱାରା ଟ୍ରାନ୍ସପୋର୍ଟ ଖର୍ଚ୍ଚ ଅଧିକ ହେଉଥିବା କହିଛନ୍ତି। ସେଥିପାଇଁ କିଛି ବଦଳା ଯିବ ବୋଲି ସୂଚା ଦେଇଛନ୍ତି। ଜିଲ୍ଲାରେ ଏଯାଏଁ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳିନାହିଁ। ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ଅଳ୍ପ ସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ ଆସିଛି। ୩୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିଥିବା ବେଳେ ୭୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ନୟାଗଡ଼ ଜିଲ୍ଲାରେ କିଭଳି ଧାନକିଣା ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲାରେ ୯୦ ପ୍ରତିଶତ ଜମିରେ ଧାନ ଚାଷ ହେଉଛି। ଜିଲ୍ଲାରେ ମୁଖ୍ୟ ଅର୍ଥକାରୀ ଫସଲ ଭାବେ ଧାନ ପରିଚୟ ଲାଭ କରିଥିବା ବେଳେ ଚାଷୀ ଏବେ ହା ହତାଶରେ ସମୟ ଅତିବାହିତ କରୁଛନ୍ତି। ମଣ୍ଡି ଆରମ୍ଭ ହେଉନଥିବା ବେଳେ ଟୋକନ୍ ମେସେଜ ନଆସିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନେକ ଚାଷୀ ଯୋଗାଣ ବିଭାଗ ଓ ସମବାୟ ବିଭାଗକୁ ଦୌଡୁଥିବାବେଳେ ସେମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ। ନୟାଗଡ଼ ଜିଲ୍ଲାରେ କେବେ ଧାନକିଣା ଆରମ୍ଭ ହେବ ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଚଳିତବର୍ଷ ଭଲ ଧାନ ଅମଳ ହୋଇଥିବାବେଳେ ଯୋଗାଣ ବିଭାଗ ଓ ମିଲରଙ୍କ ଭିତିରି ବୁଝାମଣା ପାଇଁ ଧାନକିଣା ବିଳମ୍ବିତ ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟ ରଖି ମିଲରମାନେ ପ୍ରଶାସନ ଓ ରାଜନେତାଙ୍କୁ ହାତମୁଠାରେ ରଖି ଗୋଟି ଚାଳନା କରୁଥିବା ଆଲୋଚନା ହେଉଛି। ଗତବର୍ଷ ଓଦା ଧାନ ବୋଲି ବାହାନା କରି କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି ଯାଏଁ କଟ୍‌ନୀ ଛଟ୍‌ନୀ ହେଉଥିବା ବେଳେ ଚଳିତବର୍ଷ ସମାନ ଢାଞ୍ଚା ଆପଣାଇବା ପାଇଁ ଯୋଜନା କରାଯାଇଛି। ବିଳମ୍ବ ହେଲେ, ଚାଷୀ ବିକଳ ଅବସ୍ଥାରେ ଇଚ୍ଛା ମୁତାବକ କଟଣି ଛଟଣି କରିବାକୁ ସୁବିଧା ହେବ ବୋଲି ଅନୁମାନ କରାଯାଉଛି। ବିଜେପି ନେତାମାନେ କଟ୍‌ନୀ ଛଟ୍‌ନୀ ହେବନାହିଁ ବୋଲି କହି ବୁଲୁଥିବା ବେଳେ ବାସ୍ତବତା ଭିନ୍ନ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ଧାନକିଣା ତ୍ୱରାନ୍ୱିତ ନହେଲେ ଚାଷୀ ଆନ୍ଦୋଳନକୁ ଜୋରଦାର କରିବାକୁ କଂଗ୍ରେସ ଚେତାବନୀ ଦେଇଛି।

### ଖୋଲୁନି ଧାନମଣ୍ଡି, ଚିନ୍ତାରେ ଚାଷୀ; ଗାଁ ଗାଁରେ ଦଲାଲ ସକ୍ରିୟ

ଗଣିଆ: ଗଣିଆ ବ୍ଲକ୍‌ରେ ଏ ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନମଣ୍ଡି ଖୋଲୁ ନଥିବାରୁ ଗାଁ ଗାଁରେ ଦଲାଲ ସକ୍ରିୟ ହୋଇ ଚାଷୀଙ୍କ ଦୁଆରେ ପଇଁତରା ମାରିବା ଆରମ୍ଭ କରିସାରିଛନ୍ତି। ଧାନକାଟି ଚାଷୀ ଖଳାରେ ସାଇତି ରଖିଛି। ଯେତିକି ଧାନ ଅମଳ କରିଚି ମଣ୍ଡି ଖୋଲିନଥିବାରୁ ସେତିକି ମଧ୍ୟ ବିକ୍ରି କରିନାହିଁ। ଧାର କରଜ କରି ଚାଷବାସ କରିଥିବା ଚାଷୀଟି କରଜ ସୁଝିବାକୁ ଶାଗମାଛ ଦରରେ ଧାନ ବିକ୍ରି କରୁଛି। ଚାଷୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଦଲାଲମାନେ ଅଳ୍ପ ଦାମରେ ବସ୍ତା ବସ୍ତା ଧାନ କିଣି ନେଉଛନ୍ତି। ମଣ୍ଡି ଖୋଲୁ ନଥିବାରୁ ଦଲାଲ ହାତରେ କମ୍ ଦାମରେ ଧାନ ଟେକିଦେଇ ଆହୁରି ଅଧିକ କ୍ଷତି ସହୁଛନ୍ତି ଚାଷୀ। କ୍ୱିଣ୍ଟାଲ ପିଛା ୧୮ ଶହ ଟଙ୍କାରେ ଦଲାଲମାନେ ଧାନକ୍ରୟ କରି ଚଢାଦରରେ ବିକ୍ରି କରୁଛନ୍ତି। ନୟାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ମଣ୍ଡି ଶୁଭାରମ୍ଭ ହୋଇ ସାରିଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗର ଗଣିଆ ପାଇଁ ଏତେ ପାତରଅନ୍ତର କାହିଁକି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଗାଁ ଗାଁରେ ଦଲାଲ ସକ୍ରିୟ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ଚୁପ୍ ବସି ରହିଛନ୍ତି। ଚାଷୀ ମାନଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଧାନମଣ୍ଡି ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଓଡ଼ଗାଁ,୧୩।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଅବସ୍ଥିତ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ପିଏମଶ୍ରୀ ଉତ୍ସଭରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଏନ୍‌ଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବସିରନ ବିବି, ଏସ୍‌ଏମ୍ସି ସଭାପତି ବରେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ବିଶିଷ୍ଟ ଅତିଥି ଭାବେ ଓଡ଼ଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିତୀବାଳା ରଣା, ସମ୍ମାନିତ ଅତିଥି ଭାବେ ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଜଳନ୍ଧର ରଥ, ରଘୁନାଥ ସମବାୟ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଅଧିବାସ ପଣ୍ଡାଙ୍କ ସହିତ ବିଦ୍ୟାଳୟ କମିଟି ସଭାପତି ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସଭାର ପ୍ରାରମ୍ଭରେ ସ୍ମରଣିକା "ସୃଜନିକା"ର ଉନ୍ମୋଚନ କରିଥିଲେ। ଶିକ୍ଷାର୍ଥୀମାନେ ନମ୍ବର ପଛରେ ନପଡ଼ି ବ୍ୟବହାରିକ ଶିକ୍ଷା ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ। ପିଏମଶ୍ରୀ ଯୋଜନା ମାଧ୍ୟମରେ ଶିକ୍ଷଣୀୟ ସାମଗ୍ରୀ ଯୋଗାଡ଼ କରି ବିଜ୍ଞାନ ଭିତ୍ତିକ ଜ୍ଞାନ କୌଶଳର ପ୍ରୟୋଗ ସହିତ ଦୈନନ୍ଦିନ ଜୀବନ ଶୈଳୀର ବ୍ୟବହାରିକ ପଦ୍ଧତି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଏକଲବ୍ୟ ଦାଶ ମଞ୍ଚ ସଂଯୋଜନା କରିଥିଲେ।

## ଫକୀରମୋହନ ସେନାପତିଙ୍କ ଜୟନ୍ତୀ

ନୟାଗଡ଼,୧୩।୧(ସମିସ): ପୂଜ୍ୟପୂଜା କମିଟି ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅବିନାଶ ସାହୁ, ବସନ୍ତ ରାଉତ, କୈଳାଶ ପ୍ରଧାନ, ସନ୍ତୋଷ ଶର୍ମା, ଗୋପବନ୍ଧୁ ଲେଙ୍କା, ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ଫକିରମୋହନଙ୍କ ରଚିତ ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ରେବତୀ କିଭଳି ଓଡିଆ ଜନ ମାନସରେ



ପୂଜ୍ୟପୂଜା କମିଟି ଉପଦେଷ୍ଟା ଗୋଦାବରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ରୋଟାରିଆନ ଧୀରେନ୍ଦ୍ର ପଟ୍ଟନାୟକ, ଘରେ ଘରେ ପ୍ରସିଦ୍ଧି ଲାଭ କରିଛି ସେ ସମ୍ପର୍କରେ ବ୍ୟାପକ ଆଲୋଚନା ହେବା ସହ ଓଡିଆ ସାହିତ୍ୟରେ ଯଶସ୍ୱୀ ସାଧକ ଫକୀରମୋହନ ସେନାପତି ଅମର ରହେ ନାରା ଦିଆ ଯାଇଥିଲା।

## ସର୍ବଭାରତୀୟ ଦଶପଲ୍ଲା କପ୍, ଭୁବନେଶ୍ୱର ବିଜୟୀ




ଦଶପଲ୍ଲା,୧୩।୧ (ସମିସ): ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ ତମ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପ୍ରଥମ ମ୍ୟାଚ୍ ଶେଷ ହୋଇଛି। ଆଜିର ଖେଳରେ ସାନ କ୍ଲବ, ଭୁବନେଶ୍ୱର ଟାର୍ଜନ କ୍ଲବ କଟକକୁ ୧-୦ ଗୋଲରେ ପରାସ୍ତ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ରେଫରୀ ରାଜ କିଶୋର ମହାନ୍ତି, ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବରେ ଅଶୋକ ପ୍ରଧାନ ସହଯୋଗ କରିଥିଲେ।

## ଟାଉନ୍ ପ୍ଲାନିଂ ଯୋଜନାରେ ୧୮ ଟି ରାଜସ୍ୱ ଗ୍ରାମ ସାମିଲ

ଖଣ୍ଡପଡ଼ା,୧୩।୧(ସମିସ): ଟାଉନ ପ୍ଲାନିଂ ଯୋଜନାରେ ଖଣ୍ଡପଡ଼ା ଉପକଣ୍ଠର ୧୮ ଟି ଗାଁକୁ ସାମିଲ କରାଯାଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି କ୍ରମରେ ଖଳିସାହି, ଇଚ୍ଛାପୁର, କିସ୍ମତ ଇଚ୍ଛାପୁର, ସିଙ୍ଗ ମୁଣ୍ଡିଆ, ବରବର, ମାଣିକପୁର, ପଥୁରିଆ, ବନମାଳିପୁର, ଜଳହରି, ବାହାଡ଼ା, ରାମଚନ୍ଦ୍ରପ୍ରସାଦ, ଖଳଖଳା, ଓସ୍ତିଆ, କଇଁଥପଲ୍ଲୀ, କୁଞ୍ଜବିହାରପୁର, ଗୋଲାପୋଖରୀ, ବରପଲ୍ଲୀ ଓ ସାହସପୁର ଆଦି ଗ୍ରାମ ଗୁଡ଼ିକୁ ଟାଉନ ପ୍ଲାନିଂ ରେ ସାମିଲ କରାଯାଇଛି। ସହରାଞ୍ଚଳ ବିକାଶରେ ନାଗରିକ ଓ ଗୋଷ୍ଠୀଗତ ଭାଗୀଦାରି ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଲୋକଙ୍କ ସହଯୋଗରେ ସହରାଞ୍ଚଳରେ ଏହିଭଳି ଯୋଜନାବଦ୍ଧ ବିକାଶ କାର୍ଯ୍ୟକ୍ରମ ଜରିଆରେ ଯେଉଁ ବ୍ୟକ୍ତି ନୂତନ ଘର କିମ୍ବା ରାସ୍ତା ନିର୍ମାଣ କରିବେ ସେ ସବୁର ପ୍ଲାନିଂ ସମ୍ପର୍କରେ ସେମାନେ ପ୍ରଥମେ ଏନଏସି କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀଙ୍କ ଠାରୁ ପରାମର୍ଶ ନେବେ ବୋଲି ସୂଚନା ମିଳିଛି।

## ଓଲଟିଲା ଯାତ୍ରୀବାହୀ ବସ୍

ଗଣିଆ,୧୩।୧(ସମିସ): ଗଣିଆ ଥାନା ଆଡକଟା ସିତୁଳିଆ ସାହି ନିକଟରେ ବୁଲବୁଲ ନାମକ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଥିବା ଜଣାପଡ଼ିଛି। ବଲାଙ୍ଗିରରୁ କଟକ ଯାଉଥିବା ବେଳେ ଭାରସାମ୍ୟ ହରାଇ ବିଲ୍ ତଳକୁ ବସ୍‌ଟି ଓଲଟି ପଡିଥିଲା। ସେଥିରେ ୧୫ରୁ ଅଧିକ ଯାତ୍ରୀ ଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ସ୍ଥାନୀୟ ଜନସାଧାରଣ ଏବଂ ପୁଲିସ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ଗଣିଆ ଏଏସ୍‌ଆଇ ଶାହା ଆଲାମ ଖାଁ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କେଉଁ ପରିସ୍ଥିତିରେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେଲା ସେ ସମ୍ପର୍କରେ ଖୋଳତାଡ଼ ଜାରି ରହିଛି। ତେବେ ଘଟଣାସ୍ଥଳରୁ ବସ୍ କର୍ମଚାରୀ ଫେରାର ହୋଇଥିବା ଜଣାପଡିଛି। ବସ ଯାତ୍ରୀମାନେ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ବେଳେ ଏକ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ନୟାଗଡ଼,୧୩।୧(ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଜଳର ସୁବିନିଯୋଗ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଜଳକୁ ଅମୂଲ୍ୟ ସମ୍ପଦ ବୋଲି ଭାବିବା ଆବଶ୍ୟକ ବୋଲି କହିଥିଲେ। ନୟାଗଡ଼ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଦଶପଲ୍ଲା ଉପଖଣ୍ଡ ଅଧିକାରୀ ସୁମିତ କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଓଡ଼ଗାଁ,୧୩।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରାବରା ଗ୍ରାମର ରମେଶ କୁମାର ବିଶ୍ୱାଳ (୩୬) ବିଷପାନ କରି ମୃତ୍ୟୁବରଣ କରିଥିବା ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ଜବତ କରିଛି।



ରମେଶ ସୋମବାର ବିଳମ୍ବିତ ରାତିରେ ବିଷପାନ କରିଥିଲେ। ମଙ୍ଗଳବାର ଭୋର୍ ପରିବାର ଲୋକେ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ନୟାଗଡ଼,୧୩।୧(ସମିସ)



ନୟାଗଡ଼ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନିଳିମା ଲାକ୍ରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ପିଟିଏସ୍ ପଡ଼ିଆରେ ପତାକା ଉତ୍ତୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ରୋଟାରୀ କ୍ଲବ ଦ୍ୱାରା ରକ୍ତଦାନ ଶିବିର ଆୟୋଜନ, ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା, ଡାକ୍ତରଖାନା ଓ ଜେଲରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ପରେଡ୍ ପାଇଁ ଆଗୁଆ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ନୟାଗଡ଼ ରିଜର୍ଭ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ବିଭିନ୍ନ ବିଭାଗରୁ ପ୍ରଜ୍ଞାପନ ମେଢ଼ ପରେଡରେ ସାମିଲ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ପ୍ରଜ୍ଞାପନ ମେଢ଼ ସହିତ ପୁଲିସ ବିଭାଗର ବ୍ୟାଣ୍ଡ ପାର୍ଟି ସାମିଲ ହୋଇ ସହର ପରିକ୍ରମା କରିବାକୁ ନିଷ୍ପତ୍ତି ନିଆଯାଇଛି। ସାଧାରଣତନ୍ତ୍ର ଦିବସକୁ ଆକର୍ଷଣୀୟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହା ସହିତ ପୁଲିସ ବିଭାଗରେ ଭଲ କାର୍ଯ୍ୟ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ମେଡାଲ ଓ ସମ୍ବର୍ଦ୍ଧନା ସାମଗ୍ରୀ ରୋଟାରୀ କ୍ଲବ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ରୋଟାରିଆନ୍ ଶ୍ରୀକାନ୍ତ ଖଟେଇ ପ୍ରସ୍ତାବ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଖଣ୍ଡପଡ଼ା ସହର ପରିକ୍ରମା କଲା ସହଯୋଗ ରଥ



ଖଣ୍ଡପଡ଼ା,୧୩।୧(ସମିସ): ଖଣ୍ଡପଡ଼ା ସହରବାସୀଙ୍କୁ ହାତପାଆନ୍ତାରେ ଡିଜିଟାଲ ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ସହଯୋଗ ରଥ ମଙ୍ଗଳବାର ଠାରୁ ସହର ପରିକ୍ରମା ଆରମ୍ଭ କରିଛି। ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ପତାକା ଦେଖାଇ ସହଯୋଗ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆଇଆଇଟି କ୍ୟାମ୍ପସ୍‌ରେ ଦୁର୍ଘଟଣା, ଛାତ୍ର ମୃତ

ଜଟଣୀ, ୧୩।୧(ସମିସ): ଗତକାଲି ବିଳମ୍ବିତ ରାତିରେ ଜଟଣୀ ସ୍ଥିତ ଆଇଆଇଟି କ୍ୟାମ୍ପସ୍‌ରେ ଏକ ସ୍କୁଟି ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ମୃତ ଛାତ୍ର ହେଲେ ପଶ୍ଚିମବଙ୍ଗର କ୍ୟାମ୍ପସ୍ ଆରଏଚଆର ହଷ୍ଟେଲ୍ ରେ ରହୁଥିବା ଶଙ୍ଖଶୁଭ୍ର ଚକ୍ରବର୍ତ୍ତୀ (୨୭) ଓ ଆହତ ଛାତ୍ର ହେଲେ ଉତ୍ତରପ୍ରଦେଶ ରାଜ୍ୟର ଶକ୍ତି ଶାଗର ଶ୍ରୀବାସ୍ତବ (୨୬)। ଉଭୟ ଆଇଆଇଟିର ପିଏଚଡି ସ୍କଲାର ଛାତ୍ର ଥିଲେ ବୋଲି ଜଣାପଡ଼ିଛି।

ଗତକାଲି ବିଳମ୍ବିତ ରାତିରେ ଉଭୟ ଏକ ସ୍କୁଟିରେ ହଷ୍ଟେଲ୍‌କୁ ଫେରୁଥିଲେ। ଏହି ସମୟରେ ସ୍କୁଟିର ଗତି ଦ୍ରୁତ ଥିବାରୁ କ୍ୟାମ୍ପସ୍ ପରିସରରେ ଥିବା ଡିଭାଇଡର୍‌ରେ ଭାରସାମ୍ୟ ହରାଇ ପିଟି ହୋଇଥିଲେ। ଘଟଣାସ୍ଥଳରେ ଉଭୟ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବା ବେଳେ ନିୟୋଜିତ ସୁରକ୍ଷାକର୍ମୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟ ଗୁରୁତର ଥିବାରୁ ମଣିପାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ର ଶଙ୍ଖଶୁଭ୍ରଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ହସ୍ପିଟାଲ୍ ରେ ଛାତ୍ର ଶକ୍ତି ସାଗର ଚିକିତ୍ସା ହେଉଥିବା ବେଳେ ସେ ଗୁରୁତର ଥିବା ସୂଚନା ମିଳିଛି। ସେହିପରି ମୃତ ଛାତ୍ରଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି।

# ଗଞ୍ଜେଇ ବୋଝେଇ କାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୩।୧(ସମିସ): ମୁକୁନ୍ଦପ୍ରସାଦ ଜୋରଶଙ୍ଖ ନିକଟରୁ ଶିଳ୍ପାଂଚଳ ପୁଲିସ ଆଜି ଅପରାହ୍ଣରେ ଏକ ଗଞ୍ଜେଇ ବୋଝେଇ କାରକୁ ଜବତ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ସମ୍ବଲପୁର ଜିଲ୍ଲା ଧାମ ଥାନା ଚକୁଳି ଗ୍ରାମର ସତ୍ୟମ ପଟ୍ଟନାୟକ (୨୨)। ତାଙ୍କ ଠାରୁ ପୁଲିସ ୪୦.୨୫୦କେଜି ଗଞ୍ଜେଇ ସମେତ ଚାଲାଣ ରେ ବ୍ୟବହୃତ କାର ଓ ମୋବାଇଲ ଫୋନ୍ କୁ ଜବତ କରିଛି। ଜବତ ଗଞ୍ଜେଇ ର ମୂଲ୍ୟ ୪ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି।

ନୟାଗଡ ଦିଗରୁ ଖୋର୍ଦ୍ଧା ଅଭିମୁଖେ ଗଞ୍ଜେଇ ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ଡିପିଓ ନିହାର ପ୍ରଧାନ ଓ ଭାରପ୍ରାପ୍ତ ଥାନାଧିକାରୀ ସଞ୍ଜୟ ନାୟକ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ସ୍ୱାଗିତକା ଦାସଙ୍କ ନେତୃତ୍ୱରେ ମୁକୁନ୍ଦପ୍ରସାଦ ଜୋରଶଙ୍ଖ ନିକଟରେ ସମସ୍ତ ଗାଡିକୁ ଯାଂଚ କରିଥିଲେ। ନୟାଗଡ ଦିଗରୁ ଆସୁଥିବା ଓଡି-୧୫କ୍ୟୁ-୧୬୫୮ ନମ୍ବର ବିଶିଷ୍ଟ କାର ଉପରେ ସନ୍ଦେହ ହେବାରୁ ଯାଂଚ କରିଥିଲେ। ଯାଂଚବେଳେ ଗାଡି ଭିତରୁ ୪୦.୨୫୦କେଜି ଗଞ୍ଜେଇ ଜବତ କରିଥିଲେ। ତେବେ ଗଞ୍ଜେଇ ସତ୍ୟମ ଗଡଖୋର୍ଦ୍ଧା ନିକଟରେ ଜଣେ ଗ୍ରାହକ କୁ ଦେବାକୁ ଆଣିଥିବା ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଛି। ସତ୍ୟମ କୁ ପୁଲିସ ଗିରଫ କରିବା ସହ ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ତାଙ୍କ ଠାରୁ ମାଲ ନେବାକୁ କିଏ ଆସିଥିଲା ପୁଲିସ ତାହାର ତଦନ୍ତ ଜାରୀ ରଖିଥିବା ଜଣାଯାଇଛି।

● ଦୋକାନରୁ ଅଳଙ୍କାର ଲୁଟ୍ ଘଟଣାରେ ଗିରଫ ସଂଖ୍ୟା ୨ ଛୁଇଁଲା

# ଚୋରା ସୁନା ଜବତ; ବେପାରୀ ଗିରଫ

ଖୋର୍ଦ୍ଧା,୧୩।୧: ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ଦୋକାନରୁ ସୁନା ଓ ରୁପା ଅଳଙ୍କାର ଲୁଟ୍ ଘଟଣାରେ ପୁଲିସ ଚୋରା ସୁନା ରଖିଥିବା ଜଣେ ବେପାରୀ କୁ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଲେ ସ୍ଥାନୀୟ ମାରୱାଡିପଟି ରେ ଥିବା ପୁଷ୍ପା ଟ୍ରେଡର୍ସର ବିକାଶ ଅଗ୍ରୱାଲ (୪୨)। ପୁଲିସ ତାଙ୍କଠାରୁ ୧୭.୫୪୦ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୪ ତାରିଖ ରାତିରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ସୁନା ଦୋକାନରୁ ଗ୍ରିଲ ସଟର ତାଡି ସୁନା ଅଳଙ୍କାର ଲୁଟ୍ ହୋଇଥିବା ଦୋକାନ ମାଲିକ ଜଙ୍କିଆ ଗୌଡପାଟଣା ର ଦିନେଶ ସାଥୁଆ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ପେସାଦାର ଅପରାଧି ଗଡଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀ ର ଚନ୍ଦନ ନାୟକ ଓରଫ୍ ବାଲୁଆ କୁ ଗିରଫ କରିଥିଲା। ତା ଘର ବାଡିପଟ ଟାଙ୍କିପଛପଟୁ ଲୁଚାଯାଇଥିବା ୨ କେଜି ୬୩୮ ଗ୍ରାମ ର ରୂପା ଅଳଙ୍କାର, ଏକ ବାଇକ, ଚୋରି ରେ ବ୍ୟବହୃତ ୨ଟି ଲୁହାରଡ ଜବତ କରିଥିଲା। ସେହି ସମୟରେ ପୁଲିସକୁ ସୁନା ଅଳଙ୍କାର ମିଳିନଥିଲା। ଅଧିକ ତଦନ୍ତବେଳେ ବାଲୁଆ ସୁନା ଅଳଙ୍କାରକୁ ପୁଷ୍ପା ଟ୍ରେଡର୍ସ ର ବିକାଶ ଅଗ୍ରୱାଲକୁ ବିକିଥିବା ପୁଲିସ ଜାଣିବା ପରେ ବିକାଶ କୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ଚୋରି ସୁନା ଅଳଙ୍କାର ଜବତ ହୋଇଛି।

# ମୋହନଲାଲ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିରାକାରପୁର,୧୩।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡାସ୍ଥିତ ମୋହନଲାଲ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତ୍ରିଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟବକ୍ତା ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଭାବେ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ସ୍ମୃତିରେଖା ମହାରଥୀ, ପ୍ରଫେସର ତୁଷାରକାନ୍ତ ପାଲଟାସିଂହ, ତିନି ନମ୍ବର ଜୋନ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରୁଦ୍ରଭାନୁ ନରେନ୍ଦ୍ରଜିତ୍ ସିଂହ, କିଶୋର ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଲକ୍ଷ୍ମୀଧର ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସ୍ମରଣିକା କଲ୍ୟାଣୀର ଶୁଭ ଉନ୍ମୋଚନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିବା ବେଳେ ମୋହନଲାଲ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନୋଜ୍ଞା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଂପାଦକ ଶୈଳେସ୍ୟ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ହଟକେଶ୍ୱରଙ୍କ ପୀଠରେ ମକରମେଳା

# ଚଳଚଞ୍ଚଳ ଉଷ୍ମପ୍ରସ୍ରବଣ, ଗୁଆ ଖୋଜା ପ୍ରସ୍ତୁତି ଶେଷ




ଖୋର୍ଦ୍ଧା,୧୩।୧(ସମିସ): ବୁଧବାର ହେଉଛି ପବିତ୍ର ମକର ସଂକ୍ରାନ୍ତି। ଚଳ ଚଂଚଳ ହୋଇ ଉଠିଛି ଖୋର୍ଦ୍ଧାର ଅତ୍ରି ଏବଂ ହଟକେଶ୍ୱର ପୀଠ। ବାଘମାରୀ ଉପକଣ୍ଠ ଅତ୍ରୀ ଗ୍ରାମରେ ମହାଦେବ ଭଗବାନ ଏକାଦଶ ରୁଦ୍ର ରୂପରେ ବାବା ହଟକେଶ୍ୱର ପୂଜା ପାଉଛନ୍ତି। ଏଠାକାର ଲୋକକଥା ଓ ଜନଶୃତି ଉପରେ ବିଶ୍ୱାସ କରି ମକରସଂକ୍ରାନ୍ତି ଦିନ କେବଳ ରାଜ୍ୟ ନୁହେଁ ବରଂ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଜିଲ୍ଲା ସଦରମହକୁମାଠାରୁ ମାତ୍ର ୧୪କିଲୋମିଟର ଦୂରତା ମଧ୍ୟରେ ବାବା ହଟକେଶ୍ୱରଙ୍କ ମନ୍ଦିର ରହିଛି। ଏହାଠାରୁ ଅନତି ଦୂରରେ ରହିଛି ଉଷ୍ମପ୍ରସ୍ରବଣ। ପାଣିର ଉଷ୍ମତା ୫୭ସେଂଟିଗ୍ରେଡ୍ ହୋଇଥିବାବେଳେ ଏଥିରୁ ଗନ୍ଧକଯୁକ୍ତ ପାଣି ରହିଛି। ବିଶ୍ୱାସ ରହିଛି ଏହି ଜଳରେ ସ୍ନାନକଲେ ଚର୍ମରୋଗ ଦୂରହେବା ସହିତ ପାଣିକୁ ସେବନ କଲେ ପେଟରୋଗ ଉପଶମ ହୋଇଥାଏ। ସେହିପରି କେବେଠାରୁ ଏ ପରମ୍ପରା ଚାଲିଛି ତାହା କହିବା ମୁସକିଲ ହୋଇଥିବାବେଳେ ମକର ସଂକ୍ରାନ୍ତିରେ ନାରୀମାନେ ବନ୍ଧ୍ୟାଦୋଷରୁ ମୁକ୍ତିପାଇବା ପାଇଁ ହଟକେଶ୍ୱର ଦେବଙ୍କ ନିକଟରେ ଗୁହାରିଆପଡ଼ି ଉଷ୍ମପ୍ରସ୍ରବଣ ପାଶ୍ୱର୍ରେ ଥିବା ଦହଲ କୁଣ୍ଡରେ ଗୁଆ, କଉଡ଼ି, ଖୋଜି ସେବନକଲେ ବନ୍ଧ୍ୟାଦୋଷ ଦୂର ହେବା ବିଶ୍ୱାସ ଆଜି ମଧ୍ୟ ରହିଛି ବୋଲି କହିଛନ୍ତି ପୂଜାପଣ୍ଡା ସେବକ ଦିଲ୍ଲିପ କୁମାର ପଣ୍ଡା।

ତେଣୁ ମଙ୍ଗଳବାର ମଧ୍ୟାହ୍ନରୁ ମାନସିକଧାରୀ ବନ୍ଧ୍ୟାନାରୀମାନେ ମନ୍ଦିରକୁ ଆସି ସଂକଳ୍ପ କରି ମାନସିକ ବ୍ରତରେ ରହିଥିବା କହିଛନ୍ତି ଶ୍ରୀ ପଣ୍ଡା। ଆଜିଠାରୁ ଅତ୍ରୀ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ପୀଠ ଚଳଚଂଚଳ ହେବାରେ ଲାଗିଛି।୧୪ ରୁ ୧୮ ତାରିଖରେ ଜମିବ ଉତ୍ସବ। ଏହି ଅବସରରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ଆଲୋକମାମାରେ ସଜେଇ ହୋଇଛି ବାବାଙ୍କ ପୀଠ।

ସେହିପରି ଉଷ୍ମ ପ୍ରସବଣ ପରିସରରେ ମକରମେଳା ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକରମାନେ ଧିରେଧିରେ ଆସିବାରେ ଲାଗିଛନ୍ତି। ଅନୁରୂପଭାବେ ଉଷ୍ମପ୍ରସବଣ ଠାରୁ ହଟକେଶ୍ୱରଙ୍କ ପୀଠ ଯାଏଁ ଫେରି ବ୍ୟବସାୟୀମାନେ ମଧ୍ୟ ଏବେଠାରୁ ପସରା ମେଲାଇ ବସିଥିବାବେଳେ ମକର ସକ୍ରାନ୍ତି ରିତିନୀତିକୁ ଶାନ୍ତି ଶୃଙ୍ଖଳା ସମାପନ କରିବା ପାଇଁ ମନ୍ଦିର ଟ୍ରଷ୍ଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଜି ପ୍ରଶାସନ ପକ୍ଷରୁ ଅଧିକାରୀମାନେ ପହଁଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ପୂଜାପଣ୍ଡା ସେବକ ଶ୍ରୀ ପଣ୍ଡାଙ୍କ କହିବା ଅନୁସାରେ, ଭୋର ୪ଟାରେ ବାବାଙ୍କ ପହଡ଼ ଖୋଲିବା ପରେ ସ୍ନାନ ରୀତି, ମଙ୍ଗଳ ଆଳତି ଓ ବାଳ ଭୋଗ ଅନୁଷ୍ଠିତ ହେବ। ଏହାପରେ ପ୍ରଭୁ ସାହାଣମେଲା ଦର୍ଶନ ଲକ୍ଷାଧିକ ଭକ୍ତଙ୍କୁ ଦେବା ଲାଗି ପ୍ରସ୍ତୁତି ହୋଇଛି। ଧାଡ଼ିବନ୍ଧି ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତଭାବେ ବାବାଙ୍କ ଦର୍ଶନ କରିବେ ସେ ନେଇ ମନ୍ଦିର ଟ୍ରଷ୍ଟି ତରଫରୁ ବନ୍ଦୋବସ୍ତ କରାଯାଇଥିବାବେଳେ ଦ୍ୱିପ୍ରହର ପ୍ରାୟ ୧ଘଂଟା ସମୟରେ ବାବାଙ୍କ ନକଟରେ ଦ୍ୱିପ୍ରହର ଶଙ୍କୁଡ଼ି ଭୋଗ ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ସମୟରେ ବାବାଙ୍କ ବିଜେ ପ୍ରତିମା ପାରମ୍ପରିକ ଘଂଟ, ଘଂଟି, ମୃଦଙ୍ଗ ଓ ସଙ୍କିର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଉଷ୍ମପ୍ରସବଣ ଅଭିମୁଖେ ବାହାରିବେ। ସେଠାରେ ବାବା ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ଓ ଭୋଗଲାଗି ପରେ ନିଜ ଆସ୍ଥାନକୁ ଫେରିବେ। ପାରମ୍ପରିକ ପ୍ରଥା ଅନୁଯାୟୀ ପୁରୀ ଗଜପତି ମହାରାଜାଙ୍କ ଦ୍ୱାରା ଖଞ୍ଜା ହୋଇଥିବା ଖୋର୍ଦ୍ଧା ଉପକଣ୍ଠ କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ଆସିବା ପରେ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ବାବାଙ୍କ ନିକଟରେ ମକର ଚାଉଳ ଭୋଗ ଲାଗି ହେବ।ଏଥିସହିତ ଅନ୍ନ ସଙ୍କୁଡ଼ି ଭୋଗ ଲାଗି ପରେ ବାବାଙ୍କ ମନ୍ଦରି ପହଡ଼ ପଡ଼ିବ ବୋଲି କହିଛନ୍ତି ପୂଜାପଣ୍ଡା ସେବକ ଶ୍ରୀ ପଣ୍ଡା।

ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା ଥିବାରୁ ହଟକେଶ୍ୱର ଦେବଃଙ୍କ ପୀଠରେ ଦର୍ଶନ କୁ ଶୃଙ୍ଖଳିତ କରିବାକୁ ଓ ଉଷ୍ମପ୍ରସବଣ ନିକଟରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମକରମେଳା ସାଙ୍ଗକୁ ମକର ମହୋତ୍ସବ କରାଯିବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଷ୍ମପ୍ରସ୍ରବଣ ଭିତରେ ସରକାରୀ ଓ ବେସରକାରୀଭାବେ ବହୁ ଷ୍ଟଲ ପଡିଛି।

ଟ୍ରାଫିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନିଶମ ସେବା ବ୍ୟବସ୍ଥା, ସୁସ୍ଥ ପରିମଳ ବ୍ୟବସ୍ଥା, ଭକ୍ତ ଓ ଯାତ୍ରୀମାନଙ୍କ ଯାତାୟାତର ସୁବିଧା ନିମନ୍ତେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍କାଉଟ ଗାଇଡ୍ ଏବଂ ଏନସିସିର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏଠାରେ ଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ଜଣାଯାଇଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ଖୋର୍ଦ୍ଧା,୧୩।୧(ସମିସ): ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ବିଭାଗ ପରିସରରେ ଜିଲ୍ଲାସ୍ତରୀୟ ପାଣିପଂଚାୟତ ପକ୍ଷ ପାଳିତ ହୋଇଛି। କେନ୍ଦ୍ରୀୟ ଜଳ ସମ୍ପଦ ଖଣ୍ଡ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଜଳ ସମ୍ପଦର ସୁବିନିଯୋଗ ଏବଂ ଜଳର ସୁରକ୍ଷା ଆମ ସମସ୍ତଙ୍କ କର୍ତବ୍ୟ ଓ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ ବର୍ଷା ଜଳର ସୁରକ୍ଷା, ପୋଖରୀ ଜଳର ସୁରକ୍ଷା, ଖରିଫ ଓ ରବି ଚାଷ ସମୟରେ ଜଳର ଆବଶ୍ୟକତା ପୂର୍ଣ୍ଣ ହୋଇ ପାରିଲେ ସମଗ୍ର ଖୋର୍ଦ୍ଧା ଜିଲ୍ଲା ଆହୁରି ଶସ୍ୟ ଶ୍ୟାମଳା ହୋଇ ଚାଷୀ ଓ କୃଷକ ମାନଙ୍କ ମେରୁଦଣ୍ଡ ମଜବୁତ୍ ସହ ଆର୍ôଥକ ପ୍ରଗତି ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ଜଳସେଚନ ପ୍ରକଳ୍ପ ଗୁଡ଼ିକ କେତେକାଂଶରେ ସଠିକ୍ ସମୟରେ ବିଭିନ୍ନ ଚାଷ କାର୍ଯ୍ୟରେ ପାଣିର ଅଭାବ ଯୋଗୁଁ ଚାଷୀକୁଳ କୃଷି କାର୍ଯ୍ୟରେ ଆଶାନୁରୂପ ଉତ୍ପାଦ ପାଇ ପାରୁ ନାହାଁନ୍ତି। ଏଣୁ ଜଳ ସମ୍ପଦ ବିଭାଗ, କ୍ଷୁଦ୍ର ଜଳ ସେଚନ ବିଭାଗ, ଉଠା ଜଳସେଚନ ବିଭାଗ ସମସ୍ତେ ଯତ୍ନ ବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶାଳିଆ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ବକ୍ତବ୍ୟ ରଖିଥିଲେ। ପ୍ରକାଶ ଥାଉକି, ଜଳ ସମ୍ପଦ ବିଭାଗ ଅଧୀନ ୨୨ ଗୋଟି ପାଣି ପଂଚାୟତ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ୯୩ ଗୋଟି ପାଣି ପଂଚାୟତ, ଉଠା ଜଳସେଚନ ବିଭାଗ ଅଧୀନ ୪୬୧ ଗୋଟି ପାଣି ପଂଚାୟତ ଅଛି। କୃଷି କ୍ଷେତ୍ରରେ ସଫଳତା ଆଣିଥିବା ଚାଷୀ ଅଭିମନ୍ୟୁ ବେହେରା ତାଙ୍କର ଅଭିଜ୍ଞତା ମାଧ୍ୟମରେ ଉପସ୍ଥିତ ଚାଷୀ ଓ କୃଷକ ଭାଇମାନଙ୍କୁ ଅନୁଭୂତି ବଖାଣି ଥିଲେ। ସଭାକାର୍ଯ୍ୟରେ ଜଳ ସମ୍ପଦ ଖୋର୍ଦ୍ଧାର ସହକାରୀ ନିର୍ବାହୀଯନ୍ତ୍ରୀ ପାକିଯା ହୁସେନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଦିବସ ପାଳନ ରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କେନାଲ ଡିଭିଜନ, ପ୍ରାଚୀ ଜଳ ସମ୍ପଦ ଖଣ୍ଡ, ଅଧିକାରୀ, କର୍ମଚାରୀ, ଚାଷୀ, କୃଷକ ପ୍ରମୁଖ ଯୋଗଦେଇଥିଲେ।

# ମଦ ଜବତ, ୪ ଗିରଫ

ବେଗୁନିଆ,୧୩।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଚାରି ଅଭିଯୁକ୍ତ ସହ ଦେଶୀ ମଦ ୨୫୦ ଲିଟର ଓ ବିଦେଶୀ ମଦ ୧୦ ଲିଟର ସହ ପୋଚ ୧ ହଜାର ଲିଟର ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବୈଦେଶ୍ୱର୍ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ରାଜ କିଶୋର ପଣ୍ଡା, ବେଗୁନିଆ ଥାନ ଅନ୍ତର୍ଗତ ବାଦବାରବାଟୀ ଗ୍ରାମର ପ୍ରଭାତୀ ରାୟ, ଛତ୍ରପଡ଼ା ଗ୍ରାମର ଭାସ୍କର ରଣସିଂହ ଓ ଗେଡିଆପଲ୍ଲୀ ଗ୍ରାମର ରାଜୀବ ଲୋଚନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସାଗରଗୁଆଁ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼,୧୩।୧(ସମିସ): ବୋଲଗଡ଼ ବ୍ଲକ ସାଗରଗୁଆଁ ସେବା ସମବାୟ ସମିତି ଲିଃ ର ଧାନମଣ୍ଡି ଆଜି ଉଦଘାଟିତ ହୋଇଛି । ସମିତିର ପରିଚାଳନା କମିଟି ସଭାପତି କୃଷ୍ଣ ଚନ୍ଦ୍ର ବାରିକଙ୍କ ଉପସ୍ଥିତିରେ ଆଜି ମଣ୍ଡି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ସୁବାସ ରାୟଗରୁ, ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ବେହେରା, ସରୋଜ ଛୋଟରାୟ, ସୁମନ୍ତ ଛୋଟରାୟ ନାଏବ ସରପଞ୍ଚ ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସମିତି ସମ୍ପାଦକ ପରମା ନନ୍ଦ ମହାପାତ୍ର, ଆର ଏମ ସି କର୍ମଚାରୀ ସନ୍ତୋଷ ପରମାଣିକଙ୍କ ସମେତ ସମିତିର ପରିଚାଳନା ସଦସ୍ୟ କିଶୋର ଚନ୍ଦ୍ର ସାମନ୍ତରାୟ, କାମଦେବ ମହାପାତ୍ର, ସୁରେଶ ରାୟଗୁରୁ, ସୁଦର୍ଶନ ଦେବତା, ଶରତ ପ୍ରଧାନ, ପବିତ୍ର ସାମନ୍ତରାୟ,ଜ୍ୟୋତି ରଞ୍ଜନ ଅଙ୍ଗ, ଧବଳେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମିଲର ଶିବାନୀ ଫୁଡ ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଉଦଘାଟନୀ ଦିବସ ରେ ୧୬୦କ୍ୱିଣ୍ଟାଲ ଧାନ ଚାଷୀ ମାନଙ୍କର ମଣ୍ଡିରୁ ଧାନ ଉଠାଣ ହୋଇଥିଲା । ଏହି ସମିତି ମଣ୍ଡିରେ ଧାନ ବିକ୍ରି ପାଇଁ ୭୫୧ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି।

# ଭଉଣୀ ମା'ଭଗବତୀଙ୍କୁ ମକରମେଳାକୁ ନିମନ୍ତ୍ରଣ କଲେ ମା' କାଳିଜାଇ



ବାଣପୁର,୧୩।୧(ସମିସ) : ରାଜ୍ୟର ସୁପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ସହିତ ଚାରି ଦିଗ ରକ୍ଷାକାରିଣୀ ତଥାକଥିତ ଚାରି ଭଉଣୀ ବିଭିନ୍ନ ପର୍ବପର୍ବାଣୀରେ ଏକାଠି ହେବାର ପରମ୍ପରା ମାନବୀୟ ଲୀଳାର ଅନନ୍ୟ ପ୍ରତୀକ। ତନ୍ମଧ୍ୟରୁ ମକର ମେଳାରେ ମା' କାଳିଜାଇଙ୍କ ପୀଠରେ ଭଉଣୀ ମାନଙ୍କ ଯୋଗଦାନ ସ୍ନେହସଂପର୍କର ଏକ ନିଛକ ପରିପ୍ରକାଶ ଯାହା ପ୍ରାଚୀନ କାଳରୁ ଚାଲି ଆସୁଥିବା ମା' ଭଗବତୀଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ପରମ୍ପରା।ଆଶ୍ୱିନ ମାସର ଷୋଳ ପୂଜାରେ ଯୋଗଦେବା ପାଇଁ ମା' ଭଗବତୀ ନିଜେ ଚିଲିକାକୁ ବିଜେ କରି ପାଣି ତୋଳାରେ ମା' କାଳିଜାଇଙ୍କୁ ନିମନ୍ତ୍ରଣ କରି ଭଉଣୀଙ୍କ ଆଜ୍ଞାମାଳ ସାଥିରେ ନେଇ ଫେରୁଥିବା ବେଳେ ମା କାଳିଜାଇଙ୍କ ପୀଠରେ ବୁଧବାର ଅନୁଷ୍ଠିତ ମକର ମେଳାରେ ସାମିଲ ହେବାକୁ ଭଉଣୀ ମା' ଭଗବତୀଙ୍କୁ ନିମନ୍ତ୍ରଣ ଲାଗି ମଙ୍ଗଳବାର ଶାଢ଼ି, ଚୁଡ଼ି, ଅଳତା, ସିନ୍ଦୁର, ଫୁଲମାଳ, ଗୁଆ, ପାନ, ନଡ଼ିଆ ଓ ମହାପ୍ରସାଦ ନେଇ ସେବାୟତ ସହଦେବ ନାୟକ ମନ୍ଦିରରେ ପହଞ୍ଚି ଥିଲେ। ପୂଜକ ନିରଞ୍ଜନ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ସେବାୟତ ଗଣେଶ ନାୟକ, ସୁକାନ୍ତ ନାୟକ ଓ ପ୍ରକାଶ ମହାପାତ୍ର ପ୍ରମୁଖ ନିମନ୍ତ୍ରଣ ଗ୍ରହଣ କରି ମା'ଭଗବତୀଙ୍କୁ ଲାଗି କରାଇ ମା'ଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ମକର ମେଳାରେ ମା'ଭଗବତୀଙ୍କ ଆଜ୍ଞାମାଳ ପହଞ୍ଚିବା ପରେ କୃଷ୍ଣପ୍ରସାଦ ଗଡ଼ର ରାଜା ଶ୍ରୀସନ୍ତୋଷ କୁମାର ମାନସିଂହ ମର୍ଦ୍ଦରାଜ ଗ୍ରହଣ କରି ମା' କାଳିଜାଇଙ୍କୁ ଲାଗି କରାଇବେ। ଦୁଇ ଶକ୍ତିପୀଠର ଏହି ମହାନ ପରମ୍ପରା ସମଗ୍ର ଉତ୍କଳରେ ନିଆରା।

# ଆଜି ମା'କାଳିଜାଈଙ୍କ ପୀଠରେ ମକର ମେଳା

ବାଲୁଗାଁ,୧୩।୧(ସମିସ) ; ପ୍ରତି ବର୍ଷ ପରି ଚଳିତ ବର୍ଷ ଚିଲିକା ତଥା ମତ୍ସ୍ୟଜୀବୀଙ୍କ ଆରାଧ ଦେବୀ ତଥା ଚିଲିକା ଜଳ ରାଶି ମଧ୍ୟରେ ଅବସ୍ଥିତ ମା'କାଳିଜାଈଙ୍କ ପୀଠରେ ବୁଧବାର ଦିନ ପାରମ୍ପରିକ ମକରମେଳା ମହାସମାରୋହରେ ପାଳିତ ହେଉଛି। ସେଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଥିବା ବେଳେ ପ୍ରତିବର୍ଷ ଏହି ମେଳାକୁ ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଖୋର୍ଦ୍ଧା, ପୁରୀ ଓ ଗଂଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରବଳ ଜନସମାଗମକୁ ଲକ୍ଷ କରି ବାଲୁଗାଁ ପୁଲିସ ଚିଲିକା କୂଳ ଜେଟି ଓ ବଡକୂଳ ପାନ୍ଥ ନିବାସ ଠାରେ ମୁତୟନ ହୋଇ ଶ୍ରଦ୍ଧାଳୁ ମାନେ ଡଙ୍ଗାରେ ଶାନ୍ତିଶୃଙ୍ଖଳାରେ ଯାତାୟତ ନିମନ୍ତେ ସଜାଗ ରହିଛି। ମା'କାଳିଜାଈଙ୍କ ତଥା କଥିତ ଭଉଣୀ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ, ବାଣପୁର ମାଳ ଅଞ୍ଚଳସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଈଙ୍କ ସମେତ ଚିଲିକା ଟାପୁ ମଧ୍ୟରେ ଅବସ୍ଥିତା ଗୁରୁବାଇସ୍ଥିତ ମା' ଚର୍ଚ୍ଚିକା ଓ ପାରିକୁଦ ଗଡ ରାଜ ନଅର ସ୍ଥିତ ମା କନକ ଦୁର୍ଗାଙ୍କୁ ଏହି ମେଳାକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ନିମନ୍ତ୍ରଣ ପର୍ବ ମଙ୍ଗଳବାର ସମାପନ ହୋଇଯାଇଛି। ପାରିକୁଦ ଗଡର ରାଜା ସାହେବ ସନ୍ତୋଷ ଦେଓ ଏହି ପର୍ବର ମୁଖ୍ୟ ପୁରୋଧା ହୋଇଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ମକର ମେଳାକୁ ସୁପରିଚାଳନା ନିମନ୍ତେ ମା କାଳିଜାଈଙ୍କ ପୀଠରେ ସମସ୍ତ ସୁବ୍ୟସ୍ଥା କରାଯାଇଛି। ତତ୍‌ସହିତ ମା କାଳିଜାଈ ମଟରବୋଟ ଆସୋସିଏସନ ବାଲୁଗାଁ, ବଡକୂଳ ମଟରବୋଟ ଘରୋଇ ସଂଘ ଓ ପାନ୍ଥନିବାସ ତରଫରୁ ପ୍ରବଳ ଜନସମାଗମକୁ ଲକ୍ଷ୍ୟ କରି ବ୍ୟାପକ ସୁବନ୍ଦୋବସ୍ତ କରାଯାଇଛି।

# ପ୍ରାକୃତିକ ଜୀବନ ଶୈଳୀ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ




ଖୋର୍ଦ୍ଧା,୧୩।୧(ସମିସ) : ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଖୋର୍ଦ୍ଧା ଜିଲ୍ଲା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଉଦ୍ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମୀବାଳା ପରିଡା, ବିଜୟକୁମାର ବେହେରା ଓ ପ୍ରଜ୍ଞା ପରମିତା ଜେନା ସହାୟତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ପରିବେଶ ବିଜ୍ଞାନ କେନ୍ଦ୍ର ର କାର୍ଯ୍ୟକ୍ରମ ଅଧିକାରୀ ବୈଜ୍ଞାନିକ ପ୍ରଭାତ ମୋହନ ଦାଶ ବିଜ୍ଞାନର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେବି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଓ ମେଳାର ସଙ୍ଗଠନ ସମ୍ପାଦିକା ତଥା ବିଇଓ ଖୋର୍ଦ୍ଧା ଯାଜ୍ଞସେନି ସାହୁ ଉପସ୍ଥିତ ଥିଲେ।

ମୋଟ୍ ୭ଟି ବିଜ୍ଞାନ ଉପ ବିଭାଗ ଯଥା ଉତମ ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟା ଓ ଜୀବନ ଶୈଳୀ, ପ୍ଲାଷ୍ଟିକର ମୁକ୍ତ ବ୍ୟବହାର, ବୈଦ୍ୟୁତିକ ବର୍ଯ୍ୟବସ୍ତୁ ହ୍ରାସ, ସାଧାରଣ ବର୍ଯ୍ୟ ବସ୍ତୁର ହ୍ରାସ, ଜଳ ସଂରକ୍ଷଣ ଓ ଶକ୍ତି ସଂରକ୍ଷଣ ଉପରେ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ ସହିତ ୧୦ଟି ବ୍ଲକରୁ ୭୦ ଟି ପ୍ରକଳ୍ପ କୁନି ବୈଜ୍ଞାନିକ ମାନଙ୍କ ସହିତ ଗାଇଡ ଶିକ୍ଷକ ମାନେ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। ପରେ ଏକ ବିଜ୍ଞାନ ସେମିନାର ଜିଲ୍ଲାର ବିଜ୍ଞାନ ଶିକ୍ଷକ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ଓ ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ପରିଚାଳନା କରିଥିଲେ।

ଅପରାହ୍ନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମୋଟ୍ ୨୧ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ଓ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ବୋଲଗଡ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ସହାୟତା ପ୍ରଦାନ କରିଥିଲେ। ପୁରସ୍କୃତ ୨୧ ଟି ପ୍ରକଳ୍ପ ମଧ୍ୟରୁ ଯେଉଁ ୩ ଟି ପ୍ରକଳ୍ପ ସର୍ବ ଶ୍ରେଷ୍ଠ ମନୋନୀତ ହୋଇ ଥିଲେ ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପାଇକରାୟପୁରର ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିନାଶ ପରିଡା ଏଲିମୀନେଟ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପାଇଁ ନଗଦ ୪ହଜାର ଟଙ୍କା ପାଇଥିବା ବେଳେ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଅବିନାସ ବଳିୟାର ସିଂହ ବର୍ଜ୍ୟ ବସ୍ତୁ ର ହ୍ରାସ ପ୍ରକଳ୍ପ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରି ୩ହଜାର ଟଙ୍କା, ଓଏଭି ପିଚୁକୁଳିର ଛାତ୍ର ସିଦ୍ଧି ଶ୍ରେୟାସ ଶ୍ରୀଚନ୍ଦନ ତୃତୀୟ ସ୍ଥାନ ଅଧିକାର କରି ୨ହଜାର ଟଙ୍କା ଅର୍ଥ ରାଶି ପାଇ ପୁରସ୍କୃତ ହୋଇଥିଲେ।

କାର୍ଯ୍ୟକ୍ରମକୁ ଓଷ୍ଟାର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ମାନସ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ରବିନାରାୟଣ ସାହୁ, ବଦ୍ରି ନାରାୟଣ ରଥ, ପ୍ରଫୁଲ କୁମାର ବେହେରା ଓ ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ର ଯୁଗ୍ମ ସମ୍ପାଦକ ଅଗାଧୁ ସେଠି ପ୍ରମୁଖ ପରିଚାଳନା କରିଥିବା ବେଳେ ସିଆରସିସି ରେବତୀ ପଣ୍ଡା ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ଧନ୍ୟବାଦ ଦେଇଥିଲେ।



ବାଣପୁରର ଆରାଧ୍ୟ ଶ୍ରୀ ରଙ୍ଗନାଥ ଦେବଙ୍କ ନବାଙ୍ଗ ବେଶ

# ଜାତୀୟ ଯୁବଦିବସ ପାଳନ କଲା ଶ୍ରମିକ କଂଗ୍ରେସ

ଜଟଣୀ,୧୩।୧(ସମିସ): ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର କାର୍ଯ୍ୟାଳୟଠାରେ ଜାତୀୟ ଯୁବଦିବସ ପାଳନ କରାଯାଇଛି । ସଭାପତି ହାଜି ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ଅନ୍ୟାନ୍ୟ ଅତିଥି ଭାବେ ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଶରତ ପଣ୍ଡା ଯୋଗଦେଇଥିଲେ । ୟୁଥ କୋଅର୍ଡିନେଟର ସନ୍ତୋଷ ଖଟେଇ, ଡେପୁଟି ୟୁଥ କୋଅର୍ଡିନେଟର ଅଶୋକ ଭୋଳ, ସୁନୀଲ ପରିଡା, ରାକେଶ ଘଡେଇ, ପି ଏଲ ସାମନ୍ତରାୟ, ନରେନ୍ଦ୍ର ଦାସ, ରବୀନ୍ଦ୍ର ଗୌଡ଼, ବବି ନାୟକ, ଟୁଲୁ ପରିଡା, ଶରତ ଓଝାଙ୍କୁ ସମ୍ମାନିତ କରାଯାଇଥିଲା। ଶାଖା ସମ୍ପାଦକ ଏଲ ଡି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

